ଧରିତ୍ରୀ
DHARITRI
December 7-13, 2025 ₹ 2/-
ଧରିତ୍ରୀ DHARITRI 52 Years

# ଛୁଟିଦିନ





# କଳା କାରିଗରି ଗାଁ

ଗାଁ ସାରା ପେସାରେ କୁମ୍ଭକାର, କିନ୍ତୁ ନିଶାରେ ଜଣେ ଜଣେ କଳାକାର। କଳା କାରିଗରିର ଅପୂର୍ବ ସମନ୍ୱୟର ଏହି ଗାଁ ହେଉଛି ପୁଦୁଲି ସାହି...

୩
ପ୍ରଚ୍ଛଦ ପ୍ରସଙ୍ଗ



# ରଙ୍ଗ ଅନୁଯାୟୀ ଫଳ ଓ ପନିପରିବା ର ମହତ୍ତ୍ୱ

**ଫଳ ହେଉ କି ପନିପରିବା ; ଶରୀର ପାଇଁ କେତେ ଉପକାରୀ ପ୍ରାୟ ସମସ୍ତେ ଜାଣନ୍ତି। ତେବେ କେଉଁ ରଙ୍ଗର ଫଳ ଓ ପନିପରିବା ଖାଇଲେ କି ଉପକାର ମିଳେ ଜାଣନ୍ତୁ ସେ ସମ୍ପର୍କରେ...**



✲ **ନାଲି ରଙ୍ଗ:** ଏହି ରଙ୍ଗର ଫଳ, ପନିପରିବାରେ ଆଣ୍ଟିଅକ୍ସିଡାଣ୍ଟ, ଲାଇକୋପିନ୍, ଫାଇବର୍ ଭଳି ଗୁଣକାରୀ ତତ୍ତ୍ୱ ଥାଏ ; ଯାହାକି ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ମସ୍ତିଷ୍କ, ହୃଦ୍, ଆଖି, ଚର୍ମ ପାଇଁ ଉପକାରୀ ହୋଇଥାଏ। ହଜମ କ୍ରିୟାକୁ ବି ସକ୍ରିୟ କରେ। ଟମାଟୋ, ଷ୍ଟ୍ରବେରି, ବିଟ୍, ଚେରି, ନାଲି ଶିମଲା ଲଙ୍କା, ତରଭୁଜ, ସେଓ, ଡାଳିମ୍ବ ଏଥିପାଇଁ ଉତ୍ତମ।

✲ **ହଳଦିଆ ରଙ୍ଗ:** ଏହି ରଙ୍ଗର ଫଳ ଖାଇଲେ କିଡ୍‌ନୀଜନିତ ସମସ୍ୟାରୁ କେତେକାଂଶରେ ମୁକ୍ତିମିଳେ ବୋଲି ବିଶ୍ୱାସ। ଲେମ୍ବୁ, ସପୁରି ଏଥିପାଇଁ ଉତ୍ତମ। ମକା, ଆମ୍ବ, ହଳଦିଆ ଶିମ୍‌ଲା ଲଙ୍କା, ପାଚିଲା କଦଳୀ ଓ ଅମୃତଭଣ୍ଡା, କଞ୍ଚା ହଳଦୀ ବି ଶରୀର ପାଇଁ ଖୁବ୍ ଉପକାରୀ। ଏ ସବୁରେ ଆଣ୍ଟିଅକ୍ସିଡାଣ୍ଟ, ବିଭିନ୍ନ ଭିଟାମିନ୍ସ, ମିନେରାଲ୍ସ ଥାଏ ; ଯାହା ଆଖି, ତ୍ୱଚା, ହୃଦ୍ ଓ ହଜମ କ୍ରିୟା ପାଇଁ ଭଲ, ମସ୍ତିଷ୍କକୁ ବି ଶାନ୍ତ ରଖେ।

✲ **ବାଇଗଣୀ ରଙ୍ଗ:** ସ୍ମରଣ ଶକ୍ତି ବୃଦ୍ଧି କରାଇବା ସହ ମସ୍ତିଷ୍କଜନିତ ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ ଏହି ରଙ୍ଗର ଫଳ ଓ ପନିପରିବା। କ୍ୟାନ୍‌ସର ସହ ଲଢ଼ିବାକୁ ବି ଶକ୍ତି ଯୋଗାଇଥାଏ। ମୁଖ୍ୟତଃ ବ୍ଲୁବେରୀ, ବାଇଗଣୀ ରଙ୍ଗର ଫୁଲକୋବି, ବନ୍ଧାକୋବି, ବାଇଗଣୀ ରଙ୍ଗର ଗାଜର ଏଥିପାଇଁ ଉତ୍ତମ।

✲ **ସବୁଜ ରଙ୍ଗ:** ବିଭିନ୍ନ ଭିଟାମିନ୍ସ, ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟରେଭରା ସବୁଜ ଫଳ ଓ ପନିପରିବା ଖାଇଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ, ହଜମକ୍ରିୟା ସକ୍ରିୟ ହୁଏ, ଲିଭର୍ ସୁସ୍ଥ ରହେ, ଦୃଷ୍ଟିଶକ୍ତି ପ୍ରଖର ହୁଏ। ବ୍ରୋକଲି, ପାଳଙ୍ଗ, ସବୁଜ ରଙ୍ଗର ସେଓ, ପତ୍ରକୋବି, ଆବାକାଡୋ ଆଦି ଏଥିପାଇଁ ଉତ୍ତମ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୭-୧୩, ୨୦୨୫

**ମେଷ:** ଦୈହିକ ଦୁର୍ବଳତା, ପରିଜନଙ୍କ ସହାନୁଭୂତି, ସରକାରୀ ସହାୟତା, ପାରିବାରିକ ସହମତି, ବିବାଦର ସମାଧାନ, ବ୍ୟବସାୟରେ ଉନ୍ନତି, ଜମିଜମା ରେଜିଷ୍ଟ୍ରେସନ, ନୂତନ କର୍ମାରମ୍ଭ, ତୀର୍ଥଭ୍ରମଣର ସୁଯୋଗ, ବକେୟା ଅର୍ଥଲାଭ ॥

**ବୃଷ:** ନୂତନ ଯୋଜନାରମ୍ଭ, ବୈଷୟିକ ଅଭିବୃଦ୍ଧି, କ୍ରନିକ୍‌ରୋଗରେ ପୀଡା, ପରିବହନରେ ସମସ୍ୟା, ପଡୋଶୀଙ୍କ ଅପପ୍ରଚାର, ରଚନାତ୍ମକ କାମରୁ ପ୍ରଶଂସା, ସାମ୍ବାଦିକତାରୁ ଗୌରବ, ପ୍ରଶାସନିକ ସଫଳତା ॥

**ମିଥୁନ:** ମାନସିକ ଅସ୍ଥିରତା, ନୂତନ ପ୍ରକଳ୍ପାରମ୍ଭ, ନୂତନବନ୍ଧୁ ସମ୍ପର୍କ, ଯାନ୍ତ୍ରିକ ଜିନିଷକ୍ରୟ, ପାରିବାରିକ ସମସ୍ୟା, ରାଜନୈତିକ ଆଲୋଚନା, ସଭା ସମିତିକୁ ଆହ୍ୱାନ, କାର୍ଯ୍ୟହାନୀରୁ କ୍ଷୋଭ, ବିଦେଶଯାତ୍ରାର ସୁଯୋଗ ॥

**କର୍କଟ:** ସାମୟିକ ସ୍ୱାସ୍ଥ୍ୟହାନୀ, ପାରିବାରିକ ବିଶୃଙ୍ଖଳା, ସହକର୍ମୀଙ୍କ ସହଯୋଗ, ପଦସ୍ଥବ୍ୟକ୍ତିଙ୍କ ପରାମର୍ଶ, ସୁସମ୍ପର୍କ ବ୍ୟାହତ, ବ୍ୟବସାୟରେ ଉନ୍ନତି, ସ୍ୱଜନଙ୍କ ଈର୍ଷା,ଧାର୍ମିକ କାର୍ଯ୍ୟାରମ୍ଭ ॥

**ସିଂହ:** ସ୍ୱାସ୍ଥ୍ୟସମସ୍ୟାରୁ ଦୁଃଶ୍ଚିନ୍ତା, ବନ୍ଧୁଙ୍କ ଅଭିଯୋଗ, ମାଲିମକଦ୍ଦମାରେ ବିଜୟ, ସନ୍ତାନଙ୍କ ବୈବାହିକସମସ୍ୟା, ପ୍ରତିରୋଧ ହଟିବ, ସହକର୍ମୀଙ୍କ ସହାନୁଭୂତି, ପଡୋଶୀଙ୍କ ସହଯୋଗ, ବିବାଦର ସମାଧାନ, ଭ୍ରାତୃବର୍ଗରେ ଅଶାନ୍ତି ॥

**କନ୍ୟା:** ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ଶିକ୍ଷା ପରୀକ୍ଷାରେ ସଫଳତା, ସାହିତ୍ୟକୃତିରୁ ପ୍ରଶଂସା, ବିଦେଶ ଯାତ୍ରାର ସୁଯୋଗ, ସେବା ମନୋଭାବରୁ ପ୍ରଶଂସା, ଆଇନ ସହାୟତାପ୍ରାପ୍ତି, ଏଜେନ୍ସିପ୍ ବଢିବ, ଅର୍ଥନୈତିକ ସଂସ୍କାର, ଚୁକ୍ତିପତ୍ର ସମ୍ପାଦନ ॥

**ତୁଳା:** ସମସ୍ୟା ସମାଧାନ, ଲକ୍ଷ୍ୟପୂରଣ କରିବେ, ମାନସିକ ଦୁର୍ବଳତା, ମନୋରଞ୍ଜନ କାର୍ଯ୍ୟାରମ୍ଭ, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟାରମ୍ଭ, ସଭା ସମିତିକୁ ନିମନ୍ତ୍ରଣ, ଜମିଜମା କ୍ରୟବିକ୍ରୟ, ଅର୍ଥସମ୍ପର୍କରୁ ବିବାଦ, ଦୂରଯାତ୍ରାର ଯୋଜନା ॥

**ବିଛା:** ଶାରୀରିକ ସୁସ୍ଥତା, ଆତ୍ମୀୟମାନଙ୍କ ଆତ୍ମୀୟତା, ଅଧସ୍ତନ କର୍ମଚାରୀଙ୍କ ଅନୁରକ୍ତି, ବୈପ୍ଳବିକ ଚିନ୍ତାଧାରା, ବୟନଶିଳ୍ପରେ ଉନ୍ନତି, ପାରିବାରିକ ଆଲୋଚନା, ମାଲିମକଦ୍ଦମାରୁ ଦୁଃଶ୍ଚିନ୍ତା, ଗୃହସୀମାକୁ ନେଇ ବିବାଦ, ପ୍ରତିଯୋଗୀତାରେ ସଫଳତା ॥

**ଧନୁ:** ପରିବାରରେ ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତାଧାରା, ମାନସିକ ଅସ୍ଥିରତା, ଭାବପ୍ରବଣତା ବଢିବ, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମ୍ମାନ, କଚେରୀ ମାମଲାରେ ବାଇଦା, ସଙ୍ଗୀତ ଆସରର ଆୟୋଜନ ॥

**ମକର:** ଅର୍ଥପ୍ରାଚୁର୍ଯ୍ୟର ଆନନ୍ଦ, ବିବାଦରେ ବିଜୟ ଲାଭ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭରେ ସମସ୍ୟା, ସଭାସମିତିକୁ ନିମନ୍ତ୍ରଣ, ଦୂରଯାତ୍ରାର ଯୋଜନା, ପାରିବାରିକ ଦ୍ୱନ୍ଦ୍ୱ, ଋଣ ପରିଶୋଧ କରିବେ, ଜମିଜମା କ୍ରୟବିକ୍ରୟ ॥

**କୁମ୍ଭ:** ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ଉଚ୍ଚଶିକ୍ଷାର ସୁଯୋଗ, ଅନୁସନ୍ଧାନରେ ଅଗ୍ରଗତି, ଆତ୍ମୀୟଙ୍କ ବେଖାତିର ମନୋଭାବ, ପୂର୍ବ ପରିକଳ୍ପିତ କାର୍ଯ୍ୟାରମ୍ଭ ॥

**ମୀନ:** ପରୋକ୍ଷ ଶତ୍ରୁତାର ଚିନ୍ତା, କାମ ସ୍ଥଗିତ ରହିବ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ନୂତନବନ୍ଧୁ ସମ୍ପର୍କ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ପିତୃବର୍ଗରେ ଅଶାନ୍ତି, ପଡୋଶୀଙ୍କ ପରାମର୍ଶ ॥

# ଫିଟ୍‌କିରିର ବାସ୍ତୁ ଉପକାରୀ ଗୁଣ

ଫିଟ୍‌କିରି ଦେଖିବାକୁ ସାଧାରଣ ଲାଗୁଥିଲେ ବି ଏହାର ଅନେକ ବାସ୍ତୁ ଉପକାରୀ ଗୁଣ ରହିଛି ; ଯାହାକୁ ବିଧି ମୁତାବକ କାମରେ ଲଗାଇଲେ ଅନେକ ସୁଫଳ ମିଳେ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। ଯେମିତି କି: ✲ କଳା ରଙ୍ଗର କପଡ଼ାରେ କିଛି ଫିଟ୍‌କିରି ବାନ୍ଧି ତାକୁ ଶେଯ ତଳେ ରଖି ଶୋଇଲେ ଡର ଅବା ଭୟଙ୍କର ସ୍ୱପ୍ନ ଆସେ ନାହିଁ ବୋଲି ବିଶ୍ୱାସ କରାଯାଏ। ✲ ଫିଟ୍‌କିରିକୁ ମୁଣ୍ଡ ଚାରିପଟେ ସାତ ଥର ବୁଲାଇ ପରେ ତାହାକୁ ଜାଳିଦେଲେ ଖରାପ ଦୃଷ୍ଟିରୁ ମୁକ୍ତି ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ✲ ସେହିପରି କଳା କପଡ଼ାରେ ଫିଟ୍‌କିରି ରଖି ତାହାକୁ ମୁଖ୍ୟଦ୍ୱାର ନିକଟରେ ଟାଙ୍ଗି ଦେଲେ ଘର ମଧ୍ୟକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ ବୋଲି ବିଶ୍ୱାସ ରହିଛି। ✲ ଅନ୍ୟପକ୍ଷେ ବ୍ୟବସାୟରେ ଉନ୍ନତି ପାଇଁ କିଛି ଫିଟ୍‌କିରିକୁ କଳା କପଡ଼ାରେ ବାନ୍ଧି ଦୋକାନରେ ଟାଙ୍ଗି ଦେଲେ ଶୁଭଫଳ ମିଳେ ବୋଲି ଲୋକ ବିଶ୍ୱାସ ଅଛି। ଏହାଛଡ଼ା ଘରର ବାତାବରଣକୁ ଶୁଦ୍ଧ କରିବା ପାଇଁ କାଚଗିନାରେ କିଛି ଫିଟ୍‌କିରି ନେଇ ଘରର କୌଣସି ଏକ କୋଣରେ ରଖିଦେଲେ ଘରେ ସକାରାତ୍ମକ ଉର୍ଜାର ପ୍ରଭାବ ବୃଦ୍ଧିପାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।



# ପାଠକୀୟ

✲ ଗରିବ, ଅସହାୟ ରୋଗୀ କିପରି ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ପାଇବେ, ସେହି ଚିନ୍ତା ଏମାନଙ୍କୁ ଘାରେ। ସେଥିପାଇଁ ତ ଏମାନେ ଯୋଗାଇ ଦେଉଛନ୍ତି ମାଗଣା ଆମ୍ବୁଲାନ୍ସ ସେବା। ଆଉ ପାଲଟିଛନ୍ତି ଅସହାୟଙ୍କ ସାଥୀ। ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ଅସହାୟଙ୍କ ସାଥୀ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ଓଠରୁ ଜାଣିହେବ ସ୍ୱାସ୍ଥ୍ୟ', 'ଦୀପ ଜାଳିବା ସମୟରେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*–ପ୍ରଣତି ଜେନା, ଯାଜପୁର*

✲ ଗରିବ, ଅସହାୟ ରୋଗୀଙ୍କ ଦୁଃଖରେ ଏମାନଙ୍କ ହୃଦୟ କାନ୍ଦିଉଠେ। ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ। ଆବଶ୍ୟକ ପଡିଲେ ରୋଗରେ ପଡ଼ି ଛଟପଟ ହେଉଥିବା ଲୋକଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇବା, ଔଷଧ କିଣିଦେବା ଏପରିକି ଯା'ଆସ ପାଇଁ ମାଗଣା ଆମ୍ବୁଲାନ୍ସ ବି ଏମାନେ ଯୋଗାଇ ଦିଅନ୍ତି। ତେଣୁ ଏଭଳି ଉତ୍ତମ ବ୍ୟକ୍ତିତ୍ୱ ସମ୍ପନ୍ନ କେତେଜଣ ବ୍ୟକ୍ତିଙ୍କୁ ନେଇ ଉପସ୍ଥାପନା ହୋଇଥିବା 'ଅସହାୟଙ୍କ ସାଥୀ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ପ୍ରେରଣାଦାୟୀ ଥିଲା।

*– ଶଶାଙ୍କ ଶେଖର, ଭୁବନେଶ୍ୱର*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଳ୍ପୀ ଗୋଲକ ପାତ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଛତା' ଶୀର୍ଷକ ଗପଟି ବି ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଶ୍ୱେତାରୁ ଅନୁଷ୍କା', 'ଇଚ୍ଛା ଥିଲା ରେସଲର୍ ହେବେ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ହୋଇଥିଲା। ସାମାଜିକ କର୍ମୀ ହରିବନ୍ଧୁ ବେହେରାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ସୁନ୍ଦର ଥିଲା।


*– ପୁଷ୍ପାଞ୍ଜଳି ଦାଶ, ଭବାନୀପାଟଣା*

✲ ସେଲିବ୍ରିଟି ସିକ୍ରେଟ୍‌ରୁ ନୃତ୍ୟ ଗୁରୁ ପଦ୍ମଶ୍ରୀ ଶାଶ୍ୱତ ଜୋଷୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ହେମଗିରିଗଡ଼ ସମ୍ପର୍କରେ ବି ଛୁଟିଦିନରୁ ବହୁ ଅଜଣା କଥା ଜାଣିହେଲା। ସହର ପୃଷ୍ଠାରୁ ତୁଳାପୁର ସମ୍ପର୍କରେ ଅନେକ ଉପାଦେୟ କଥା ଜାଣିବାକୁ ମିଳିଲା।

*–ଧରଣୀ ସାହୁ, ଖଣ୍ଡଗିରି*

✲ ବିବିଧା ପୃଷ୍ଠାରୁ 'ସ୍ୱାଦିଷ୍ଟ ଖାଦ୍ୟ ଖାଇଲେ ଲାଳ କାହିଁକି ବାହାରେ' ସେ ସମ୍ପର୍କିତ ଅନେକ କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଆଣ୍ଠୁଆ ଯୁଗ' ଶୀର୍ଷକ ପାଠଟି ପଢ଼ି ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଇସ୍‌କ୍ରିମ୍ ବୁକେ', 'ସନ୍‌ଫିଶ୍ ସ୍ୱେଟର', 'ବାପ୍‌ରେ ଏତେ ଫ୍ଲେକ୍ସିବଲ୍' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ଜମୁନା ବେହେରା, ମୟୂରଭଞ୍ଜ*




## ବିଶେଷ ଚିଠି

ଅସହାୟଙ୍କ ସାଥୀକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ମନଛୁଆଁ ଥିଲା
ତୁମ ସୃଜନର କବିତା,
ମନ କିଣି ନେଉଥିଲା ପୁଣି
ତୁମ ବ୍ୟକ୍ତିତ୍ୱର ଗାଥା।।
ହେ ମୋର ପ୍ରିୟ ଛୁଟିଦିନ,
ତୁମର ପ୍ରତ୍ୟେକଟି ପୃଷ୍ଠାରେ ଥାଏ
ତଥ୍ୟଭିତ୍ତିକ ଜ୍ଞାନର ଲେଖାମାନ।

*– ମୌସୁମୀ ମହାନ୍ତି, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କଳା କାରିଗରି ଗାଁ

**ଗାଁ ସାରା ପେସାରେ କୁମ୍ଭକାର, କିନ୍ତୁ ନିଶାରେ ଜଣେ ଜଣେ କଳାକାର। କଳା କାରିଗରିର ଅପୂର୍ବ ସମନ୍ୱୟର ଏହି ଗାଁ ହେଉଛି ମୁଦୁଲି ସାହି...**

ଏମିତି ଏକ ଗାଁ, ଯେଉଁ ଗାଁର ପ୍ରାୟତଃ ସବୁଲୋକ କଳା କାରିଗରି ଭିତରେ ଜୀବନଯାପନ କରନ୍ତି। ଅର୍ଥାତ୍ ଏହି ଗାଁ ଲୋକ ପେସାରେ କୁମ୍ଭକାର କିନ୍ତୁ ନିଶାରେ କଳାକାର। ଅର୍ଥାତ୍ ଏହି ଗାଁର ଲୋକମାନେ କୁମ୍ଭକାର ସମ୍ପ୍ରଦାୟର। ଏହା ତାଙ୍କର ପେସା କିନ୍ତୁ ସେମାନଙ୍କ ଅବସର ସମୟ କଟେ ବିଭିନ୍ନ ବାଦ୍ୟଯନ୍ତ୍ର ବାଦନ ସହିତ ପାରମ୍ପରିକ ଲୋକନୃତ୍ୟ କରିବାରେ। ସେମିତି ଏକ କଳାକାରିଗରି ଗାଁ **ମୁଦୁଲି ସାହି**।

ସେଦିନ ଥିଲା ମାର୍ଗଶିର ମାସ ମଙ୍ଗଳବାର ଦ୍ୱାଦଶୀ ତିଥି । ସକାଳୁ ସକାଳୁ ୧୬ନମ୍ବର ଜାତୀୟ ରାଜପଥ କୁହୁଡ଼ି ବସ୍‌ଷ୍ଟାଣ୍ଡରୁ ସୋରଣ ଚିଲିକାକୂଳକୁ ଲମ୍ବିଥିବା ଗ୍ରାମ୍ୟପଥରେ ରତନପୁର ନରହରି ସାହି ଛକ ପାର ହୋଇ  ଖୋର୍ଦ୍ଧା ଜିଲା  ଚିଲିକା ବ୍ଲକ ଅଧୀନ ସୋରଣ ଗ୍ରାମପଞ୍ଚାୟତର ମୁଦୁଲି ସାହିରେ ପହଞ୍ଚିଲା ବେଳକୁ ସକାଳ ପ୍ରାୟ ୮.୩୦ ହେବ।  ସକାଳୁଆ କୋହଲାପାଗ।

ସାହି ଭିତରକୁ ଯିବାରେ ପ୍ରଥମେ ନଜର ପଡ଼ିଲା ଛାଳଛପର ଘର ବରଣ୍ଡାରେ ବସି ମାଟିହାଣ୍ଡି ଗଢୁଥିବା ଯୁଧିଷ୍ଠିର ମୁଦୁଲିଙ୍କୁ। ଯେ କି ଗାଁ କାଳୀୟଦଳନ ଗୀତିନାଟ୍ୟରେ ସେନାପତି ଅଭିନୟ କରୁଥିଲେ। ତାଙ୍କଠାରୁ ଜାଣିପାରିଲୁ ଯେ ଏଠାକାର ସମସ୍ତ ପରିବାରର ସଦସ୍ୟ କଳାସଂସ୍କୃତିପ୍ରେମୀ। ପିଲାଙ୍କଠାରୁ ବୟସ୍କ ଯାଏ ସଭିଏ ଏଥିରେ ବନ୍ଧା। ଏଠାରେ ଦେଖିବାକୁ ମିଳେ ପାଲା, ଦାସକାଠିଆ, ସଂକୀର୍ତ୍ତନ, ଧୁଡୁକି, ସୁଆଙ୍ଗ, କୃଷ୍ଣଲୀଳା, ରାମଲୀଳା ଆଦି ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ। ଏହା ବ୍ୟତୀତ ଏହି ଗାଁରେ ଅନେକ କାରିଗର ଅଛନ୍ତି, ଯେଉଁମାନେ କି ପାରମ୍ପରିକ ହସ୍ତଶିଳ୍ପର  କଳାକୃତିକୁ ନେଇ ସେମାନଙ୍କର ପରିବାର ଗୁଜରାଣ ମେଣ୍ଟାଇଥାନ୍ତି। ଯୁଧିଷ୍ଠିର କୁହନ୍ତି, 'ଆମ କୁଳବେଉସାକୁ ନେଇ ପରିବାର ଚଳୁଛି। ମାତ୍ର ଗାଁର ସଭିଏଁ ବିଭିନ୍ନ କଳାକାରିଗରିରେ ନିପୁଣ। 'ସେଠାରୁ ଗାଁ ଭାଗବତଟୁଙ୍ଗି ଆଡ଼େ ଯିବାବେଳେ ଭେଟହେଲେ ଗଗନ ମୁଦୁଲି, ଯିଏ କି ଜଣେ ଜଣାଶୁଣା ମୃଦଙ୍ଗ ଓ ତବଲା ବାଦକ। ସେ କୁହନ୍ତି, 'ପିଲାଦିନେ ମୁଁ ଗାଁରେ ଆୟୋଜିତ ହେଉଥିବା ମଧୁମଙ୍ଗଳରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରିଥିଲି। ଆଉ ସେବେଠାରୁ ଗାଁରେ ବିଭିନ୍ନ ସମୟରେ ଆୟୋଜିତ ହେଉଥିବା ପର୍ବପର୍ବାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଦ୍ୟଯନ୍ତ୍ର ବଜାଇଥାଏ। ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷଣ କରିବାସହ ଆନ୍ଧ୍ର, ଦିଲ୍ଲୀ, ଗୁଜରାଟ ଆଦି ରାଜ୍ୟକୁ ଯାଇ କଳା ପରିବେଷଣ କରିଛି। କହିବାକୁ ଗଲେ ଏହି କଳା ଉପରେ ମୋ ପରିବାର ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ।' ସେହିପରି ଗାଁର ଅନ୍ୟ ଜଣେ କଳାକାର ବୀରବର ମୁଦୁଲି କୁହନ୍ତି, 'ମୋର ବୟସ ସେତେବେଳେ ୧୨ବର୍ଷ ହୋଇଥାଏ। ସେହି ସମୟରୁ ଗାଁ ଭାଗବତ ଘରକୁ ଯାଉଥିଲି, ସେଠାରେ ବିଭିନ୍ନ ବାଦ୍ୟଯନ୍ତ୍ର ବଜା ଯାଉଥିଲା। ମୁଁ ଝାଞ୍ଜ ବଜେଇବା ଶିଖିଲି। ଧୀରେ ଧୀରେ ସଂକୀର୍ତ୍ତନରେ ଗାୟକଭାବେ ହରିନାମ ଗାନ କଲି। ମୋର ବିଶ୍ୱାସ ଯେଉଁଠାରେ ନାମକୀର୍ତ୍ତନ ହୁଏ ସେଠାରେ ଭଗବାନ ସ୍ୱୟଂ ପ୍ରକଟ ହୋଇଥାନ୍ତି। ଶ୍ରଦ୍ଧା ଓ ନିଷ୍ଠାର ସହିତ  ବାରମ୍ବାର ଆବୃତ୍ତି କଲେ ଅନ୍ତଃକରଣରେ  ପବିତ୍ରତା ଆସେ।' ସଞ୍ଜ ହେଲେ ଗାଁ ଭାଗବତ ଟୁଙ୍ଗିରେ ଭଗବଦ୍‌ପ୍ରେମୀମାନେ ଏକାଠି ହୁଅନ୍ତି । ଠାକୁରଙ୍କୁ ପ୍ରାର୍ଥନା କରନ୍ତି। ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ନାମ ସଂକୀର୍ତ୍ତନରେ ନିମଗ୍ନ ରୁହନ୍ତି । ଜୀବିକା ନିର୍ବାହ ପାଇଁ ହାଣ୍ଡି, ମାଠିଆ  ଓ ମୂର୍ତ୍ତି ସିନା ଗଢନ୍ତି କିନ୍ତୁ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ଥାଏ  ପାରମ୍ପରିକ ଲୋକକଳାକୁ ବଞ୍ଚେଇବା। ଯେଉଁଥିପାଇଁ ଏଠି ନିଇତିଚାଲେ ସାଧନା। ଗାଁର ବେଣୁଧର ମୁଦୁଲି କୁହନ୍ତି, 'ଗାଁରେ ପ୍ରାୟ ୫୫ଟି ପରିବାର । କେହି ସେମିତି ସ୍ୱଚ୍ଛଳ ବର୍ଗର ନୁହନ୍ତି ସତ କିନ୍ତୁ ସମସ୍ତଙ୍କ ଭିତରେ କଳାକାରିଗରି ଭରି ହୋଇ ରହିଛି ଯେମିତି। କୁମ୍ଭକାର ସମ୍ପ୍ରଦାୟକୁ ନେଇ ଗଢି ଉଠିଥିବା ଏହି ଗାଁର ପୂର୍ବରେ ଜାଗୁଲେଇ ସାହି, ପଶ୍ଚିମରେ ଭଗବତୀ ବିଦ୍ୟାପୀଠ, ପଶ୍ଚିମ-ଉତ୍ତର କୋଣରେ ମୁସ୍‌ଲିମ ସାହି।  ଉତ୍ତରରେ ମା' ଭଗବତୀଙ୍କ ପୀଠ। ଦକ୍ଷିଣରେ ଚିଲିକା କୂଳକୁ ଲମ୍ବିଥିବା ଗ୍ରାମ ସଡ଼କ। ଗାଁ ମଝିରେ ଭାଗବତଟୁଙ୍ଗି, ସାହିର ପଶ୍ଚିମଭାଗରେ କୋଠଘର ରହିଛି। ଏହି ଗାଁ ନିକଟରେ ବହିଯାଇଥିବା କୁସୁମୀ ନଈ ନିକଟରେ ବ୍ରହ୍ମେଶ୍ୱର ଦେବଙ୍କ ମନ୍ଦିର ରହିଛି। ଅନତି ଦୂରରେ ନୀଳାମ୍ବୁ ଚିଲିକା। ଗାଁର ପ୍ରାକୃତିକ ଶୋଭା ହିଁ ଯେମିତି ଗାଁ ଲୋକଙ୍କୁ କଳାସଂସ୍କୃତି ଭିତରେ ବାନ୍ଧି ରଖିଛି।' ଗାଁ ମହିଳା ସମିତି ଗଢିଥିବା ସୁଜ୍ୟୋସ୍ନା ମୁଦୁଲି କୁହନ୍ତି, 'ଗାଁର ପ୍ରାୟ ପ୍ରତ୍ୟେକ ଲୋକ କୁମ୍ଭକାର ହେବାସହ ଜଣେ ଜଣେ କଳାକାର। ଆମେ ଗାଁ ମହିଳାମାନେ ଦ୍ୱିପ୍ରହର ସମୟରେ ବିଭିନ୍ନ ମାଟିପାତ୍ର ତିଆରି କରି ସେଥିରୁ କିଛିକିଛି ରୋଜଗାର କରି ପରିବାର ଚଳେଇବାରେ ସାହାଯ୍ୟ କରିଥାଉ।' ଏହି ଗାଁର ସୁକାନ୍ତ ମୁଦୁଲି ଅର୍ଗାନ ବଜାଇବାରେ ବେଶ୍ ମାହିର । ସେ ବିଭିନ୍ନ ଜାଗାକୁ ଅର୍ଗାନ ବାଦନ କରିବାକୁ ଯାଇଥାନ୍ତି। କିନ୍ତୁ ବୃତ୍ତି ତାଙ୍କର ମାଟି ହାଣ୍ଡି ଗଢିବା ଓ ଅଟୋରିକ୍ସା  ଚଳାଇବା। କିନ୍ତୁ ପ୍ରତ୍ୟେକ ଦିନ ସେ ସନ୍ଧ୍ୟାବେଳେ ଭାଗବତଟୁଙ୍ଗିକୁ ଯାଇ ବାଦ୍ୟଯନ୍ତ୍ର ବଜେଇବା ଅଭ୍ୟାସକୁ ଜାରି ରଖନ୍ତି। ଦାସକାଠିଆ ଗାୟକ ବେଣୁଧର ମୁଦୁଲି କୁହନ୍ତି, 'ଆମ ଗାଁରେ ସେତେବେଳେ ଦାସକାଠିଆ ହୁଏ। ତାକୁ ଦେଖି ମୁଁ ଆମ୍ବ କାଠରେ ନିଜେ ହଳେ ଦାସକାଠି ତିଆରି କରି ବଜେଇବା ଆରମ୍ଭ କରିଥିଲି। ଆଉ ଆଜି ଜଣେ ଦାସକାଠିଆ କଳାକାର ଭାବେ ବିଭିନ୍ନ ଅଞ୍ଚଳକୁ ଯାଇ ଦାସକାଠିଆ ପରିବେଷଣ କରୁଛି। ଏହି କଳାକୁ ନେଇ ମୁଁ ମୋ ପରିବାରର ଗୁଜରାଣ ମେଣ୍ଟାଉଛି। ଆଉ ଏବେ ଏହା ମୋର ପରିଚୟ ବି ପାଲଟିଛି। ତେବେ ମୁଁ ମୋ କୌଳିକ ବୃତ୍ତିକୁ ବି ଛାଡି ନାହିଁ।' ଆଉଜଣେ କଳାକାର ଶ୍ୱେତ କୁମାର କୁହନ୍ତି, 'ଆଜକୁ ପ୍ରାୟ ୬ବର୍ଷ ହେଲା ମୁଁ ସେକ୍ସୋଫୋନ ବଜାଇ ଆସୁଛି। ଯାହା ମତେ ଆଖପାଖ ଅଞ୍ଚଳରେ କଳାକାର ଭାବେ ପରିଚୟ ଦେଇଛି।  ଯାହା ମତେ ବହୁତ ଖୁସି ଦିଏ। ସନାତନ ମୁଦୁଲି କୁହନ୍ତି, 'ପିଲାଦିନେ ଗାଁରେ ଆୟୋଜିତ ହେଉଥିବା ମଧୁମଙ୍ଗଳ କାର୍ଯ୍ୟକ୍ରମରେ ବଳରାମ ଚରିତ୍ରରେ ଅଭିନୟ କରୁଥିଲି। ଏବେ ମତେ ପ୍ରାୟ ୭୫ବର୍ଷ ହେଲାଣି କିନ୍ତୁ ଏବେ ବି ମୁଁ ସେହି କଳାକୁ ବଞ୍ଚାଇ ରଖିଛି। ଗାଁର ବାରଜଣ ପିଲାଙ୍କୁ ନେଇ ଏକ ଗ୍ରୁପ୍ କରିଛି। ସେମାନେ ବିଭିନ୍ନ ସମୟରେ ଆୟୋଜିତ ହେଉଥିବା

→







# ଓଡ଼ିଶାର କେନାଲ ମ୍ୟାନ୍ - ପଦ୍ମଶ୍ରୀ ଦୈତାରି ନାଏକ

**ପା**ଣି ଅଭାବରୁ ଚାଷ ହୋଇପାରୁ ନ ଥିଲା। ପିଢି ପରେ ପଢି ପାଣି ବିନା ଆଗକୁ ଯେମିତି କଲବଲ ନ ହେବେ ସେହି ଚିନ୍ତା ତାଙ୍କୁ ଦିନରାତି ଘାରୁଥିଲା। ୧୯୯୬ ମସିହାରେ ପାହାଡ ଉପରେ ବୋହି ଯାଉଥିବା ଝରଣାର ପାଣିକୁ ତଳେ ଥିବା ଶୁଷ୍କ ଜମିକୁ ଆଣି ତାକୁ ଶସ୍ୟଶ୍ୟାମଳା କରିବା ପାଇଁ ପ୍ରୟାସରେ ଲାଗିଲେ। ନିଜେ କୋଡି, କୋଦାଳ ଧରି କେନାଲ ଖୋଳିବା ଆରମ୍ଭ କଲେ। ପ୍ରଥମେ ପ୍ରଥମେ ତାଙ୍କୁ ଏହା ଅସମ୍ଭବ ଲାଗୁଥିଲା। କିନ୍ତୁ ପରେ ତାଙ୍କୁ ତାଙ୍କ ପରିବାର ଓ ଗ୍ରାମବାସୀ ସହଯୋଗ କଲେ। ବହୁ କଷ୍ଟରେ ମାଟି ଓ ପଥରକୁ ତାଡ଼ି ପାହାଡ଼ ଉପରୁ ପାଣିକୁ କେନାଲ ଖୋଳି ତଳକୁ ଆଣିଲେ। ଯେଉଁଥିପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଗଲା। ସେ ହେଲେ ପଦ୍ମଶ୍ରୀ **ଦୈତାରି ନାଏକ**। ତାଙ୍କର ଏହି କାମ ଆଜି ତାଙ୍କ ଭୂୟାଁ ଜନଜାତି ସମ୍ପ୍ରଦାୟଙ୍କୁ ଜାତୀୟ ସ୍ତରରେ ପହଞ୍ଚାଇଛି।

ବାଂଶପାଳ ବ୍ଲକ ଗୋନାଶିକା ପଞ୍ଚାୟତ ଅଧୀନ  ବୈତରଣୀ ଗ୍ରାମରେ ପ୍ରାୟ ତିନି କିଲୋମିଟର ପାହାଡରୁ କେନାଲ ଖୋଳି ପାଣିର ସ୍ରୋତକୁ ତଳେ ଥିବା ଜମିକୁ ଜଳସେଚନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପ୍ରଥମେ ସେ ଆରମ୍ଭ କଲାପରେ ତାଙ୍କ ସହ ଅନ୍ୟମାନେ ସହଯୋଗ କଲେ। ଏହି କେନାଲ ଖୋଳିବାକୁ ସେମାନଙ୍କୁ ପ୍ରାୟ ଚାରି ବର୍ଷ (୨୦୧୦ ରୁ ୨୦୧୩) ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା।

ତିନି କିଲୋମିଟର କେନାଲ ବର୍ତ୍ତମାନ ବୈତରଣୀ ଗାଁ ଚାରିପାଖରେ ପ୍ରାୟ ୧୦୦ ଏକର ଜମିକୁ ପାଣି ଯୋଗାଇଥାଏ ଏବଂ ଆଜି ପର୍ଯ୍ୟନ୍ତ କୌଣସି ପାଣି ଅଭାବର ରିପୋର୍ଟ ହୋଇନାହିଁ। ଆଗରୁ ପାଣି ଅଭାବରୁ ପାହାଡ଼ ତଳେ ଅନେକ ଜମି ସେମିତି ଶୁଖିଲା ପଡ଼ି







ରହୁଥିଲା। ତାଙ୍କର ଉଦ୍ୟମ ଯୋଗୁ ଏବେ ଚାଷ ଜମିର ପରିମାଣ ୬୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଉକ୍ତ ଅଞ୍ଚଳର ଲୋକଙ୍କର ଚାଷ ପ୍ରତି ଆଗ୍ରହ ବଢୁଛି। ତାଙ୍କର ଏହି କେନାଲ ଖୋଳା ଅଭିଯାନ ସମ୍ପର୍କରେ କେହି ପ୍ରଶଂସା କଲେ ସେ ତାଙ୍କ ସ୍ତ୍ରୀ ସମାରି ନାଏକ, ପରିବାର ଓ ଗ୍ରାମବାସୀଙ୍କ ସହଯୋଗକୁ ଶ୍ରେୟ ଦେବାକୁ ଭୁଲନ୍ତି ନାହିଁ। ସେ କୁହନ୍ତି, ''ମୃତ୍ତିକା ହିଁ ଜୀବନର ଆଧାର। ଏଣୁ ଏହାର ଉର୍ବରତା ବୃଦ୍ଧି କରିବା ସହ ଚାଷ କାର୍ଯ୍ୟ ପାଇଁ ପାଣିର ଆବଶ୍ୟକତା ରହିଥାଏ। ଏଠାରେ ସମସ୍ତେ ଚାଷ ଓ ଜଙ୍ଗଲ ଉପରେ ନିର୍ଭରଶୀଳ।  ଆଗରୁ ପାଣି ପାଇଁ ଚାଷ କରି ପାରୁ ନ ଥିଲୁ। ଏବେ ସମସ୍ତେ ଚାଷ କରୁଛନ୍ତି, ଜଙ୍ଗଲ ଉପରେ ଆସ୍ତେ ଆସ୍ତେ ନିର୍ଭରତା କମୁଛି। ଧାନ ଚାଷ ବ୍ୟତୀତ  ପନିପରିବା ଚାଷ ବି କରୁଛନ୍ତି। ପାଣି ସମସ୍ୟା ଆଉ ଆମକୁ ଡ଼ରାଉ ନାହିଁ।''   – ***ନରେଶ ଚନ୍ଦ୍ର ପଟ୍ଟନାୟକ***

## ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...

ନାନା ସାଂସ୍କୃତିକ ଓ ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର କଳା ପରିବେଷଣ କରିଥାଏ। ମୋର ଗୁରୁ ବସନ୍ତ ପ୍ରଧାନଙ୍କଠାରୁ ପ୍ରଥମେ ହାରମୋନିୟମ ଶିକ୍ଷା କଲି। ସେବେଠାରୁ ଏହି କଳା ମୋର ନିଶା ପାଲଟିଗଲା। ତେବେ ମୁଁ ମୋର କୌଳିକ ବୃତ୍ତିକୁ ବି ଛାଡ଼ିନି।' ଅନ୍ୟଜଣେ ଗ୍ରାମବାସୀ ହାଡ଼ିବନ୍ଧୁ ମୁଦୁଲି କୁହନ୍ତି, 'ମୁଁ ମାଟିକାମ ସହିତ କାଠରେ ବିଭିନ୍ନପ୍ରକାର କାଠଖୋଦେଇ କାରୁକାର୍ଯ୍ୟ କରିଥାଏ। କିନ୍ତୁ ଯେତେଯୋହା ହେଉ ପଛେ ପ୍ରତିଦିନ ସନ୍ଧ୍ୟାବେଳେ ଗାଁ ଭାଗବତ ଟୁଙ୍ଗୀକୁ ଯାଇ ଖଞ୍ଜଣି ବଜାଇଥାଏ। ବିଭିନ୍ନ ଭଜନ ଓ ଜଣାଣ ସହିତ ମହାପୁରୁଷ ଭୀମଭୋଇଙ୍କ ଭଜନକୁ ନେଇ ଖଞ୍ଜଣି ବଜାଇବାରେ ମୋର ବହୁତ ଆଗ୍ରହ।'

ଏହି ଗାଁର ଲକ୍ଷ୍ମୀଧର ମୁଦୁଲିଙ୍କର ବାପା ଗୌରାଙ୍ଗ ମୁଦୁଲି ଜଣେ ବେହେଲା ବାଦନକାରୀ।  ସେ ସଙ୍ଗୀତ ମହାବିଦ୍ୟାଳୟରୁ ବିଶାରଦ କରିଥିଲେ। ଦୁହେଁ ବାପପୁଅ ମିଳିତଭାବେ କଳା ପରିବେଷଣ କରନ୍ତି। ଗୌରାଙ୍ଗ କୁହନ୍ତି, 'ଗାଁରେ ପ୍ରତିବର୍ଷ ହେଉଥିବା କୃଷ୍ଣଜନ୍ମ, ଭାଗବତ ଜନ୍ମ ଓ କୁରାଳ ପଞ୍ଚମୀରେ ଗାଁର ପ୍ରତ୍ୟେକ ପରିବାର ଚାନ୍ଦାଭେଦା ଦେବା ସହିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତି। ଏଠାରେ ପାଲା, ଦାସକାଠିଆ ଓ ପାରମ୍ପରିକ ଗୀତି ନାଟ୍ୟ ଆଦି ମଞ୍ଚସ୍ଥ ହୋଇଥାଏ। ଏଥିସହିତ ଗାଁ ଜନ୍ତାଳ ଭୋଜି ସମୟରେ ଗାଁର ପ୍ରତ୍ୟେକ ସଦସ୍ୟ ଭଗବତୀଙ୍କ ପୀଠରେ ଯୋଗ ଦେଇ ଜନ୍ତାଳ ଖାଇଥାଉ। ଏହି ସମୟରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। କୁରାଳ ପଞ୍ଚମୀ ଏହି ଗାଁର ମୁଖ୍ୟ ପର୍ବ। ଚାର ପାଞ୍ଚଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଯେଉଁଥିରେ ପୌରାଣିକ ଓ ଆଧାତ୍ମିକ ବିଷୟକୁ ଆଧାର କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଯେଉଁଥିରେ ଗାଁର ପ୍ରତ୍ୟେକ କଳାକାର ଯୋଗ ଦେଇଥାନ୍ତି। ଗାଁର ଗୋଟିଏ ବିଶେଷତ୍ୱ ହେଲା ଏହି ଗାଁରେ କୌଣସି ଦୃଷ୍ଟାନ୍ତମୂଳକ ଅପରାଧିକ କାର୍ଯ୍ୟକଳାପ ହେବାର ନଜିର ନାହିଁ। ଏହାଛଡ଼ା ଗାଁର ପ୍ରତ୍ୟେକ ଲୋକ ଭାଇଚାରାରେ ବିଶ୍ୱାସ କରନ୍ତି। ଗୋଟିଏ କଳାପ୍ରେମୀ, ଶାନ୍ତ ଗାଁ ଭାବରେ ଏହି ଗାଁର ପରିଚୟ ରହିଛି।'   **–ବନବିହାରୀ ବେହେରା**





# ୱିଣ୍ଟର ସ୍କର୍ଟ

**ସ୍କର୍ଟ ଲୁକ୍‌ରେ ଝିଅମାନେ ଖୁବ୍ କ୍ୟୁଟ୍ ଲାଗନ୍ତି; ଯାହାକୁ ନଜରରେ ରଖି ବିଭିନ୍ନ ଡିଜାଇନ୍‌ର ସ୍କର୍ଟ ମିଳେ। ତେବେ ଶୀତଦିନେ କେଉଁ ଟାଇପ୍‌ର ସ୍କର୍ଟ ପିନ୍ଧିଲେ ଶୀତ ଦାଉରୁ ରକ୍ଷା ମିଳିବା ସହ ଷ୍ଟାଇଲିଶ୍ ଲୁକ୍ ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...**





**✼ ହାଇ ୱେଷ୍ଟ ଉଲେନ୍ ମ୍ୟାକ୍ସି ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ ଶୀତ ଦିନେ ପିନ୍ଧିବା ପାଇଁ ବେଷ୍ଟ ହୋଇଥାଏ। ଏହା ଉଲେନ୍ ଫାବ୍ରିକ୍ ଏବଂ ଲମ୍ବା ଡିଜାଇନ୍‌ରେ ଆସୁଥିବାରୁ ଏହାକୁ ପିନ୍ଧିଲେ ଗୋଡ଼କୁ ଆଉ ବେଶି ଥଣ୍ଡା ଲାଗେ ନାହିଁ। ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ ମୁଲାୟମ୍, ଚଙ୍କି ସ୍ୱେଟର୍ ଏବଂ ଆଙ୍କେଲ୍ ବୁଟ୍ ପେୟାର୍ କଲେ ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ମିଳେ। ସାଙ୍ଗମାନଙ୍କ ସହ ଇଭିନିଂ ପାର୍ଟିରେ କୁଆଡ଼େ ଯିବାର ଥିଲେ ଏହି ସ୍କର୍ଟ ସାଙ୍ଗକୁ ଫୁଲ୍ ସ୍ଲିଭ୍‌ବାଲା ଟର୍ଟଲନେକ୍ ଶାର୍ଟ ଏବଂ ଆଙ୍କେଲ୍ ବୁଟ୍ ପିନ୍ଧିଲେ ପରଫେକ୍ଟ ପାର୍ଟି ଲୁକ୍ ମିଳିଥାଏ।

**✼ ମରମେଡ୍ ଷ୍ଟାଇଲ୍ ଲଙ୍ଗ୍ ଉଲେନ୍ ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ ଅଣ୍ଟାଠୁ ଆଣ୍ଠୁ ପର୍ଯ୍ୟନ୍ତ ଫିଟିଂ ହୋଇ ରହେ ଏବଂ ଆଣ୍ଠୁଠାରୁ ପାଦ ପର୍ଯ୍ୟନ୍ତ ଢିଲା ହୋଇ ରହିଥାଏ। ଯଦ୍ୱାରା ଏହି ଟାଇପ୍‌ର ସ୍କର୍ଟକୁ ପିନ୍ଧିଲେ ଟିକେ ଜଳପରୀ ଭଳି ଲୁକ୍ ମିଳେ। ସେଥିପାଇଁ ତ ଏହାକୁ ମରମେଡ୍ ସ୍କର୍ଟ ବୋଲି କୁହାଯାଏ। ଏହି ସ୍କର୍ଟ ବି ଲଙ୍ଗ୍ ଡିଜାଇନ୍ ଏବଂ ଉଲେନ୍ ଫାବ୍ରିକ୍‌ରେ ଆସୁଥିବାରୁ ଶୀତଦିନେ ଏହାକୁ ପିନ୍ଧିଲେ ଷ୍ଟାଇଲିଶ୍ ଲୁକ୍ ମିଳିବା ସହ ବେଶ୍ ଆରାମ ଲାଗେ। ତେବେ ଏହି ଟାଇପ୍‌ର ସ୍କର୍ଟକୁ ମ୍ୟାଚିଂ ଟପ୍ସ, ଶାର୍ଟ ଅଥବା କ୍ରପ୍ ଟପ୍ ସହ ପେୟାର୍ କଲେ ଏଲିଗେଣ୍ଟ ଲୁକ୍ ମିଳିଥାଏ, ଯାହା ଅନ୍ୟମାନଙ୍କଠାରୁ ଆପଣଙ୍କୁ ସ୍ୱତନ୍ତ୍ର କରାଇଥାଏ।



**✼ କଟନ୍ ମ୍ୟାକ୍ସି ସ୍କର୍ଟ:** ଲେଗିଙ୍ଗ୍ସ ଉପରେ କଟନ୍ ଫାବ୍ରିକ୍‌ର ମ୍ୟାକ୍ସି ସ୍କର୍ଟ ପିନ୍ଧି ବି ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ପାଇହେବ। ଆଉ ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ କୋଜି ହାଇନେକ୍ ସ୍ୱେଟ୍‌ଶାର୍ଟ ଖୁବ୍ ସୁନ୍ଦର ମାନିଥାଏ। ଲୁକ୍‌କୁ ଆଉ ଟିକେ ହାଇଲାଇଟ୍ କରିବା ପାଇଁ ବ୍ଲାଙ୍କେଟ୍ ସ୍କାର୍ଫ ବି ଏହା ସହ ପେୟାର୍ କରାଯାଇପାରେ।

**✼ ଡେନିମ୍ ଲଙ୍ଗ୍ ସ୍କର୍ଟ:** ଅଲ୍ ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦିଏ ଡେନିମ୍। ସ୍କର୍ଟ ପ୍ରିୟ ଝିଅମାନେ ଚାହିଁଲେ ଶୀତଦିନେ ଡେନିମ୍‌ର ଲଙ୍ଗ୍ ସ୍କର୍ଟ ହେଉ କି ଏ ଲାଇନ୍ ସ୍କର୍ଟ ଅଥବା ହାଇ ୱେଷ୍ଟ ଷ୍ଟ୍ରେଟ୍ ଫିଟ୍ ସ୍କର୍ଟ ପିନ୍ଧି ନିଜକୁ ଡିଭରେଣ୍ଟ ଲୁକ୍ ଦେଇପାରିବେ। ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ ଓଭର୍ ସାଇଜ୍ ସ୍ୱେଟର୍, ବ୍ଲେଜର୍ ହେଉକି ଡେନିମ୍ ଜ୍ୟାକେଟ୍ ବି ଖୁବ୍ ସୁନ୍ଦର ମାନିଥାଏ। ସ୍ନିକର୍ସ ଏହି ଲୁକ୍ ପାଇଁ ବେଷ୍ଟ ହୋଇଥାଏ।

### କିଛି ଜାଣିବା କଥା

✼ ଶୀତଦିନେ ସ୍କର୍ଟ ପିନ୍ଧିଲାବେଳେ ଯଦି ଭିତରେ ସ୍କିନ୍ କଲର୍‌ର ଷ୍ଟକିଙ୍ଗ୍ସ ପିନ୍ଧାଯାଏ, ତା'ହେଲେ ବେଶ୍ କମ୍ଫର୍ଟେବଲ୍ ଲାଗିବା ସହ ପାଦକୁ ବେଶି ଥଣ୍ଡା ଲାଗେ ନାହିଁ।

✼ ଶୀତଦିନେ ଯେଉଁ ସ୍କର୍ଟ ପିନ୍ଧାଯାଏ, ତା'ସାଙ୍ଗକୁ ମ୍ୟାଚିଂ କରି ଟାଇଟ୍ ଫିଟିଂବାଲା ସ୍ୱେଟର୍ ହେଉକି ଟର୍ଟଲନେକ୍ ଅଥବା କାର୍ଡିଗନ୍ କିମ୍ବା ହୁଡ଼ି ପିନ୍ଧିଲେ ବି ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ।

✼ ଆବଶ୍ୟକସ୍ଥଳେ ସ୍କର୍ଟ ସାଙ୍ଗକୁ ଲମ୍ବା କୋଟ୍ କିମ୍ବା ଟ୍ରେଞ୍ଚ କୋଟ୍ ବି ପିନ୍ଧିଲେ ଝିଅମାନଙ୍କୁ କ୍ଲାସି ଲୁକ୍ ମିଳିଥାଏ।



# ପତ୍ନୀଙ୍କ ପାଇଁ ନୋବେଲ ବିଜୟୀ





ପ୍ରଦୀପ କୁମାର ରାୟ

**ସେ** ନିଜର ହେୟାର ଡ୍ରାୟର ବିକ୍ରି କରିଥିଲେ– ସେହି ବିକ୍ରିଲବ୍ଧ ଅର୍ଥରେ ଯେମିତି ସ୍ୱାମୀଙ୍କର ପାଣ୍ଡୁଲିପିକୁ ଡାକଯୋଗେ ପଠାଇ ପାରିବେ । ଆଉ ସେହି ଭରସା ହିଁ ଦିନେ ତାଙ୍କ ସ୍ୱାମୀଙ୍କୁ ଆଣି ଦେଇଥିଲା ସାହିତ୍ୟରେ ନୋବେଲ ପୁରସ୍କାର ।


ଗାବ୍ରିଏଲ ଗାର୍ସିଆ ମାର୍କ୍ୱେଜ ମାତ୍ର ୧୩ ବର୍ଷ ବୟସରେ ପ୍ରଥମେ ଦେଖିଥିଲେ ମେର୍ସେଡେସ ବାଚାରଙ୍କୁ ସ୍କୁଲର ଏକ ନୃତ୍ୟ କାର୍ଯ୍ୟକ୍ରମରେ । ବନ୍ଧୁମାନଙ୍କୁ ସେତେବେଳେ ସେ କହିଥିଲେ– ''ମୁଁ ନିଶ୍ଚୟ ଦିନେ ଏହି ଝିଅକୁ ବାହା ହେବି ।'' ମେର୍ସେଡେସ ସେଦିନ ଆଦୌ ଚାହିଁ ଦେଖି ନ ଥିଲେ ମାର୍କ୍ୱେଜଙ୍କୁ । ମାର୍କ୍ୱେଜ ଥିଲେ ଦାରିଦ୍ର୍ୟ ଭିତରେ ବଢ଼ି ଉଠୁଥିବା ଜଣେ ବୃତ୍ତିପ୍ରାପ୍ତ ଛାତ୍ର, ଆଉ ମେର୍ସେଡେସ ଥିଲେ ସମ୍ମାନିତ ଜଣେ ଫାର୍ମାସିଷ୍ଟଙ୍କର ଝିଅ– ଆତ୍ମବିଶ୍ୱାସୀ, ସମସ୍ତଙ୍କର ପ୍ରିୟ, ଦୂର ଆକାଶର ତାରା । ସମୟ ସ୍ୱାଭାବିକ ନିୟମରେ ଆଗେଇ ଚାଲିଥିଲା । ପତ୍ରିକା ଅଫିସ, ସହର ବଦଳ, ଦାରିଦ୍ର୍ୟ, ଦିନ ଗଣା ଜୀବନରେ ଖାଇବା ଯୋଗାଡ଼ କରିବାଠାରୁ ବଡ଼ ଥିଲା ଲେଖିବାର ସ୍ୱପ୍ନ ।

ଅଠର ବର୍ଷ ବୟସରେ ଯେତେବେଳେ ମାର୍କ୍ୱେଜ ନିଜ ସହରକୁ ଫେରି ଆସିଲେ, ମେର୍ସେଡେସ ସେତେବେଳେ ଗ୍ରହଣ କରିଥିଲେ ମାର୍କ୍ୱେଜଙ୍କର ପ୍ରେମ ନିବେଦନ । ତା'ପରେ ଆରମ୍ଭ ହୋଇଥିଲା ସେମାନଙ୍କର ପ୍ରେମରେ ପରିପୂର୍ଣ୍ଣ ଅଥଚ ଅଭାବ, ଅନଟନ ଓ କଷ୍ଟର ସଂସାର । ମାର୍କ୍ୱେଜ ଲେଖି ଚାଲିଛନ୍ତି । ପୁରସ୍କାର ମିଳୁଛି, ପ୍ରଶଂସା ମଧ୍ୟ ଅଜାଡ଼ି ହୋଇ ପଡ଼ୁଛି କିନ୍ତୁ ଅର୍ଥ କିଛି ଆସୁନାହିଁ । ମେର୍ସେଡେସ ସେତେବେଳେ ଗୋଟିଏ ଗୋଟିଏ କରି ପଇସା ସଞ୍ଚି ଖୁବ୍ ହିସାବ କରି ସଂସାର ଚଳାଉଛନ୍ତି, ଅପରପକ୍ଷରେ ମାର୍କ୍ୱେଜ ଖୋଜି ବୁଲୁଛନ୍ତି ସେହି କାହାଣୀ, ଯାହା ତାଙ୍କ ମସ୍ତିଷ୍କ ଭିତରେ କ୍ରମାଗତ ଆଲୋଡନ ସୃଷ୍ଟି କରି ଚାଲିଛି । ଦିନେ ଡ୍ରାଇଭ୍ କରି ଆକାପୁଲକୋ ଯିବା ବାଟରେ ହଠାତ୍ ତାଙ୍କ ମୁଣ୍ଡରେ ସମ୍ପୂର୍ଣ୍ଣ କାହାଣୀଟିର ପ୍ଲଟ୍ ଭାସି ଉଠିଲା । ସେ ଗାଡ଼ି ବୁଲାଇ ଘରକୁ ଫେରି ଆସି ମେର୍ସେଡେସଙ୍କୁ କହିଲେ– ''ଏହି କାହାଣୀକୁ ନେଇ ମୋତେ ଗୋଟିଏ ଉପନ୍ୟାସ ଲେଖିବାକୁ ହେବ । ଆମ ପାଖରେ ଟଙ୍କା ପଇସା ତ କିଛି ନାହିଁ, ତଥାପି ଆରମ୍ଭ କରୁଛି ତୁମେ ଘର ସମ୍ଭାଳି ନେବ ।''

ମେର୍ସେଡେସ କେବଳ କହିଥିଲେ– ''ତୁମେ ଲେଖ ।'' ଦୀର୍ଘ ଅଠର ମାସ ଚାଲିଲା ସେହି ଉପନ୍ୟାସ ଲେଖା । କୌଣସି ଆୟ ନାହିଁ, ସଦର ଦରଜାରେ ଧାର ଦେଇଥିବା ଲୋକମାନେ ବାରମ୍ବାର ଆସି ଉପସ୍ଥିତ ହେଉଛନ୍ତି, ସେମାନଙ୍କୁ ସାମ୍ନା କରୁଛନ୍ତି ମେର୍ସେଡେସ ଆଉ ଘରଭିତରେ ବସି ମାର୍କ୍ୱେଜ ଲେଖି ଚାଲିଛନ୍ତି ମ୍ୟାକଣ୍ଡୋ ନାମକ ଏକ ନୂତନ ଜଗତ ବିଷୟରେ । ଘରଭଡ଼ା, ଧାର ପରିଶୋଧ କରିବା, ଘରର ଖର୍ଚ୍ଚ, ଦୁଇ ପୁଅଙ୍କର ଯତ୍ନ– ସବୁକିଛି ଏକା ଏକା ସମ୍ଭାଳୁଛନ୍ତି ମେର୍ସେଡେସ । ଗାଡି ବିକ୍ରି ହେଲା, ଗୋଟି ଗୋଟି କରି ଘରର ଆସବାବପତ୍ର ମଧ୍ୟ ବିକ୍ରି ହୋଇଗଲା । ଅଠର ମାସ ପରେ ପାଞ୍ଚଶହ ପୃଷ୍ଠାର ପାଣ୍ଡୁଲିପି ଶେଷ ହେଲା । ସେମାନେ ଉଭୟେ ଧାଇଁଗଲେ ପୋଷ୍ଟ ଅଫିସକୁ, ପାଣ୍ଡୁଲିପି ଆର୍ଜେଣ୍ଟିନାର ପ୍ରକାଶକଙ୍କ ପାଖକୁ ପଠାଇବା ପାଇଁ । କିନ୍ତୁ ପାଣ୍ଡୁଲିପି ପଠାଇବା ପାଇଁ ଡାକଖର୍ଚ୍ଚ ତ ସେମାନଙ୍କ ପାଖରେ ନାହିଁ ।

ହତାଶ ହୋଇ ଘରକୁ ଫେରି ଆସିଲେ ସେମାନେ । ମାର୍ସେଡେସ ଘରର ଅବଶିଷ୍ଟ ବାସନକୁସନ ସହ ନିଜର ଅତି ପ୍ରିୟ ହେୟାର ଡ୍ରାୟରଟା ମଧ୍ୟ ବିକ୍ରି କରିଦେଲେ । ଡାକ ଖର୍ଚ୍ଚ ପାଇଁ ପ୍ରୟୋଜନୀୟ ଅର୍ଥ ଯୋଗାଡ଼ କରି ସେମାନେ ପୋଷ୍ଟ ଅଫିସକୁ ଯାଇ ପାଣ୍ଡୁଲିପି ପଠାଇ ଏକାବେଳକେ ନିଃସ୍ୱ ହୋଇ ଘରକୁ ଫେରିଲେ । ଚାଲି ଚାଲି ଘରକୁ ଫେରିବା ବାଟରେ ମେର୍ସେଡେସ ହସି ହସି କହିଥିଲେ– ''ଏହି ବହିଟି ଯଦି ପାଠକମାନେ ଗ୍ରହଣ ନ କରନ୍ତି ଆଉ ଆଦୌ ବିକ୍ରି ନ ହୁଏ ତାହାହେଲେ ତ ସବୁ ଶେଷ ଆମର ।'' ବହିଟିକୁ କେବଳ ପାଠକମାନେ ଗ୍ରହଣ କରି ନ ଥିଲେ, ବହିଟି ପ୍ରକାଶ ପାଇବା ପରେ ସାହିତ୍ୟ ଜଗତରେ ଯେମିତି ବିସ୍ଫୋରଣ ଘଟିଥିଲା ।

ସେହି ବହିଟିର ଶୀର୍ଷକ ହେଉଛି– 'One Hundred Years of Solitude'. ବହିଟି ୪୬ଟି ଭାଷାରେ ଅନୁଦିତ ହେଲା । ବାରମ୍ବାର ନୂତନ ସଂସ୍କରଣ ଛପା ହେଲା ଏବଂ ପ୍ରାୟ ୫୦ ମିଲିୟନରୁ ମଧ୍ୟ ଅଧିକ କପି ବିକ୍ରି ହେଲା । ସମଗ୍ର ବିଶ୍ୱରେ ପାଠକମାନଙ୍କର ଅନ୍ୟତମ ପ୍ରିୟ ବହିର ତାଲିକାରେ ରହିଲା– One Hundred Years of Solitude. ଏବଂ ଏହି ଉପନ୍ୟାସ ପାଇଁ ୧୯୮୨ ମସିହାରେ ମାର୍କ୍ୱେଜ ପାଇଲେ ନୋବେଲ ପୁରସ୍କାର ।



ବହୁ ସାକ୍ଷାତକାରରେ ମାର୍କ୍ୱେଜ କହିଛନ୍ତି ଗୋଟିଏ ମାତ୍ର କଥା–''ଏହି ଉପନ୍ୟାସର ଅସଲ ଲେଖକ ହେଉଛନ୍ତି ମେର୍ସେଡେସ । ତାଙ୍କର ତ୍ୟାଗ ନଥିଲେ ଏହି ବହି କେବେହେଲେ ମୋ ପକ୍ଷରେ ଲେଖିବା ସମ୍ଭବ ହୋଇନଥାନ୍ତା ।'' ୫୬ ବର୍ଷର ଦାମ୍ପତ୍ୟ ଜୀବନ– ଥିଲା କେବଳ ପ୍ରେମ, କେବଳ ବିଶ୍ୱାସ । ମେର୍ସେଡେସଙ୍କ ଭଲପାଇବା ଅର୍ଥ ଥିଲା ନିଜର ଶେଷ ସମ୍ବଳ ଓ ଶକ୍ତି ଦେଇ ଭଲପାଉଥିବା ମଣିଷଟି ସହିତ କାନ୍ଧରେ କାନ୍ଧ ମିଳାଇ ଆଉ ହାତରେ ହାତ ଧରି ଚାଲିବା । ମାର୍କ୍ୱେଜଙ୍କୁ ସଦାସର୍ବଦା ମେର୍ସେଡେସ କହୁଥିଲେ– ''ତୁମେ ଆଗେଇ ଚାଲ, ମୁଁ ତୁମ ସାଥିରେ ଅଛି ।''

ଭଲପାଇବା ଯେ ଅସମ୍ଭବକୁ ମଧ୍ୟ ସମ୍ଭବ କରାଇପାରେ, ମେର୍ସେଡେସଙ୍କର ଭଲପାଇବା ତାହାର ଜୀବନ୍ତ ଉଦାହରଣ ।



*–ଭୁବନେଶ୍ୱର, ମୋ: ୯୪୩୭୫୩୪୭୭୩*



## ଫେରନ୍ତା ପଥ

– ବନ୍ଦନା ପଣ୍ଡା

ଉଡି ଆସିଥିଲେ ଶହେ ପ୍ରଜାପତି
ତୁମ ଫୁଲ ବଗିଚାରୁ ମୋ' ଅଗଣାକୁ,
ଚିତ୍ରିତ ଡେଣାରୁ ବାରି ହେଉଥିଲା
ତୁମ ଆଖିର କବିତା
ଶିଥିଳ ଗତିରୁ ଜାଣି ହେଉଥିଲା
ତୁମ ପାଦରେ ଫୁଟିଥିଲା କେତେ କଣ୍ଟା ।

ଜଣକୁ ବସେଇଲି ସରାଗରେ ହାତ ପାପୁଲିରେ
ବାରି ପାରୁଥିଲି ତୁମର ଦୀର୍ଘଶ୍ୱାସ
ତା'ର କଅଁଳ ଡେଣାର ସ୍ପର୍ଶରେ
ଆଖିରୁ କଜ୍ଜଳ ଟିକେ ତା' ଦେହରେ ମାଖିଲି
ସେ ଉଡିବସିଲା ମୋ' ପିନ୍ଧା ପଣତରେ
ଅନେଶ୍ୱତ ବନ୍ଧୁ ତା'ର ଫେରିଗଲେ
ସେ ବସିଥିଲା ସେମିତି ନିଶ୍ଚିନ୍ତରେ ।

ନିର୍ବାକ ଥିଲି ମୁଁ , ଆଖିରେ ଭର୍ତ୍ତିଥିଲା ଲୁହ
ସେ ଗୁଣୁଗୁଣଉ ଥିଲା
ତା' ଓଠରେ ଦେଖୁଥିଲି କୋହର ପ୍ରବାହ
ତୁମ ରୁଦ୍ଧ ଆବେଗକୁ ଡେଇଁ
ମୋ ନିଃଶ୍ୱାସରୁ ଛୁଟୁଥିଲା
ତୁମ ପ୍ରତିଶ୍ରୁତିର ବାସ୍ନା ମହମହ... ।

ପଣତ ଜିଦ୍ଦି କଲା ମୋ' ଲୁହ ପୋଛିବାକୁ
ପ୍ରଜାପତି ଉଡିଗଲା ଅଚାନକ
ଅଜଣା କେଉଁ ଅମଡ଼ା ବାଟରେ
ମୋ' ଆଖି ପାଉନଥିଲା ଦୂରକୁ ଦୂରକୁ
ସତେ ଅବା ଫେରିବ କି
ତୁମରି ସନ୍ଦେଶ ନେଇ
ଜଗି ବସିଛି ତା' ଫେରନ୍ତା ବାଟକୁ ।

*– ଲୁମ୍ବିନୀ ବିହାର, ଭୁବନେଶ୍ୱର*
*ମୋ: ୯୪୩୭୪୨୮୬୪୯*



## କେହି ଜଣେ ଦୁଃଖରେ

– ସୁଜାତା ମିଶ୍ର

କୋକେଇର ଅନ୍ଧାରରେ ତା' ଘର
ଦୁଃଖ ଓ କୋହ ତା' ବିଛଣା ।
ଗୋଟେ ଆଙ୍ଗୁଳିରେ ନୁହଁ, ପାଞ୍ଚ ଆଙ୍ଗୁଳିରେ
ମାଖିଦିଅ ମଣିଷଟିକୁ ଚନ୍ଦନରେ ।
ଲିଭିଯାଉ ସବୁ ତାପ, ସ୍ୱପ୍ନ ଗୋଟେ ବି
ନ ରହୁ ଅପୂରା, ଜୀବନ ଆଉ ଥରେ ବଞ୍ଚିଯାଉ ।
ଆହା ! ରୁହ ଟିକେ, ଚିରୁଡ଼ାଏ ଭଲପାଇବା
ସିଞ୍ଚିଦିଅ ସେଠି, ଅଭିମନ୍ତ୍ରିତ ହେଇଯିବ ଏକାକିନୀ ମୁହୂର୍ତ୍ତ ।
ଅନେକ ରାତ୍ରୀର ଯନ୍ତ୍ରଣା ପିନ୍ଧି
ଶୋଇପଡ଼ିଚି ସେ, ବିରକ୍ତ କରନା ।
ଯାଅନା ଏବେ ତା ପାଖକୁ,
ଶୋଇ ରହୁ ସେ ।

*–ଅହମଦାବାଦ, ଗୁଜରାଟ*
*ମୋ: ୯୮୭୯୬୪୪୮୬୪*




## ବେପାର

–ସର୍ବାଣୀ ପଟ୍ଟନାୟକ

ଅଦିନିଆ ବର୍ଷା ଅଜାଡୁଥାଏ ରହି ରହି । ମାଳତୀ ମାଉସୀ ଗୋଟେ ବଡ଼ ପଲିଥିନ ଗୁଡେଇ ହେଇ ବସିଥାଏ ରାସ୍ତା କଡରେ, ଯେଉଁଠି ସେ ତା' ପରିବା ସବୁ ବିକିବା ଉଦ୍ଦେଶ୍ୟରେ ସବୁ ଦିନ ବସେ । ପ୍ରବଳ ବର୍ଷା ଯୋଗୁ ପରିବାଗୁଡ଼ା ବିକ୍ରି କମ୍ ଆଉ ପଚୁଛି ବେଶି ତା'ର । ଗଲା ସପ୍ତାହରୁ ପ୍ରାୟ ଏଇ ଅସୁବିଧାରେ ମାଳତୀ ମାଉସୀ । ସେ ନିଜେ ଇ ପରିବା ହାଟରୁ ପରିବା କିଣି ଏଇ ଛକରେ ବିକ୍ରି କରୁଛି । ସାଇତି ରଖିବ କେଉଁଠି ? ଘରେ ଯେତିକି ଲୋକ ସେତିକି ଲୋକଙ୍କ ଚଳିବା ପାଇଁ ଜାଗା ନାହିଁ ପରିବା କଥା କିଏ ପଚାରେ !

ସେତିକି ବେଳେ ଗୋଟେ ବଡ଼ ନାଲି ଚକଚକିଆ ଗାଡି ଆସି ଠିଆ ହେଲା ତା' ସାମ୍ନାରେ । ସେ ଆଶା ବାନ୍ଧିଲା କେହି ବଡ଼ ଲୋକ ଗ୍ରାହକ ନିଶ୍ଚୟ । ଭଲ ରୋଜଗାର ହୋଇଯିବ ବୋଲି ସେ ଆଶାୟୀ ଆଖିରେ ଗାଡ଼ିକୁ ଚାହିଁଲା । ଗାଡ଼ିର କାଚ ତଳକୁ କରି ଡ୍ରାଇଭର ପାଖ ସିଟ୍‌ରେ ବସିଥିବା ମା' ଜଣକ କହିଲେ, 'ମାଉସୀ ଭେଣ୍ଡି କେତେରେ ଦେଉଛ ?' ମାଳତୀ ମାଉସୀ ହସ ହସ ମୁହଁରେ କହିଲା ''ମା' କିଲୋ ୫୦ ଟଙ୍କା । ନଉନ ମା' ନିଅ, କେତେ ନେବ, ଭାରି ତଟକା ଭେଣ୍ଡି । ପାଞ୍ଚ ଟଙ୍କା କମେଇକି ସବୁ ଭେଣ୍ଡି ନେଇଯାଅ ।'' ମା' ଜଣକ କହିଲେ ''କ'ଣ କରିବୁ ଏତେ ଭେଣ୍ଡି ? ଅଧ କିଲେ ନେଇଥାନ୍ତି । କିନ୍ତୁ ଏତେ ଟଙ୍କା, ବାପରେ ! ତିରିଶ ପଇଁତିରିଶ ଟଙ୍କାରେ ଦେବ ଯଦି କିଲେ ନେଇଯିବି ନ ହେଲେ ଥାଉ ।'' ମାଳତୀ ମାଉସୀର ମୁହଁରୁ ହସ ଉଭେଇଗଲା । କହିଲା, ''ନାଇ ମା' ଏତେ କମ୍ ହବନି । ମୋ' କିଣା ଦାମ ପରା ଚାଳିଶ ଟଙ୍କା, ହେବନି ମା' । ବରଂ କିଣା ଦାମ୍ ଦେଇ ଭେଣ୍ଡିତକ ନେଇଯାଅ । ଏଇ ବର୍ଷାରେ ଆଉ କେହି କ'ଣ ଭେଣ୍ଡି ନେବାକୁ ଆସିବ ?'' ସେପଟୁ ସେ କହିଲେ ''ଥାଉ ତା'ହେଲେ, ଦର ବଢ଼େଇ ତୁ ପରିବା ପଚା ବା ନଈ ଗାଡ଼ିଆରେ ଫିଙ୍ଗେ । ଆମର କ'ଣ ଯାଏ ? ଚାଲ ଚାଲ'' କହି କାଚ ଉଠେଇ ଗାଡ଼ି ଚଳେଇବାକୁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ । ଚାଲି ଗଲା ଚକଚକ ରାଜପଥ ଉପରେ ଓ ମାଳତୀ ମାଉସୀ ଚାହିଁ ରହିଗଲା ସେ ଗାଢ଼ ନାଲି ରଙ୍ଗର ଗାଡ଼ିଟିକୁ ଅନେକ ଦୂର ବାଟ ଯାଏ ।

*–ସେକ୍ଟର ୨, ସଲ୍‌ଟ ଲେକ, କୋଲକାତା*
*ମୋ: ୮୯୬୧୫୯୩୧୫୦*



# ସତ ହେଲା ଆକଳନ



କ୍ରିତି

ବେଳେବେଳେ ମଣିଷ ଯାହା ଅକଳନ କରିଥାଏ ତା'ଠାରୁ ଅଧିକ ମିଳିଯାଏ। ଦେଖୁନାହାନ୍ତି, ଫିଲ୍ମ ରିଲିଜ ପୂର୍ବରୁ କ୍ରିତି ସାନନ୍ ଯାହା ଭାବିଥିଲେ ତାହା କିପରି ସତରେ ପରିଣତ ହୋଇଛି। ଅସଲ କଥା ହେଲା ନିକଟରେ ଧନୁଷ ଏବଂ କ୍ରିତିଙ୍କୁ ନେଇ ନିର୍ମିତ 'ତେରେ ଇସ୍କ ମେଁ' ଗତ ମାସ ୨୮ରେ ରିଲିଜ ହୋଇଛି। ପରଦାକୁ ଆସିବାର ମାତ୍ର ଦୁଇଦିନରେ ଏହି ଫିଲ୍ମ ୩୦କୋଟି ଇନକମ୍ କରିଥିଲା। ଫିଲ୍ମଟି ଧୀରେ ଧୀରେ ୧୦୦କୋଟି କ୍ଲବ ଆଡକୁ ଅଗ୍ରସର ହେଉଛି। ଏ ନେଇ କ୍ରିତି କହନ୍ତି, ''ଏହି ଫିଲ୍ମ ଯେ ଭଲ ବିଜନେସ୍ କରିବ, ଏକଥା ମୋତେ ଆରମ୍ଭରୁ ଜଣାଥିଲା। କାରଣ ଏହାର କାହାଣୀକୁ ଠିକ୍ ଭାବରେ ଉପସ୍ଥାପନା କରିବାକୁ କେବଳ ନିର୍ଦ୍ଦେଶକ ନୁହନ୍ତି, ଏଥିରେ ଅଭିନୟ କରିଥିବା ସମସ୍ତ କଳାକାର ଶତ ପ୍ରତିଶତ ଚେଷ୍ଟା କରିଥିଲେ। ଆଉ ଶେଷରେ ତାହାର ଫଳ ଆଜି ମିଳିଛି।'' ଫିଲ୍ମଟି ଉଭୟ ହିନ୍ଦୀ ଏବଂ ତାମିଲ ଭାଷାରେ ନିର୍ମିତ ହୋଇଛି। ଏହାକୁ ପ୍ରଯୋଜନା କରିଛନ୍ତି ଭୁଷଣ କୁମାର, କ୍ରିଷନ୍ କୁମାର ଏବଂ ହିମାଂଶୁ ଶର୍ମା। ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ ଏଲ. ରାଇ। ଚିତ୍ରଟିର ଅବଧି ରହିଛି ୨ ଘଣ୍ଟା ୪୭ ମିନିଟ୍।

# 'ଭାଗ୍ୟରେଖା'ରେ ବିବାହ ଋତୁ

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ସାର୍ଥକରେ ପ୍ରସାରିତ ଦର୍ଶକଙ୍କର ଅତି ପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା' (ସୋମବାରରୁ ଶନିବାର ରାତି ୯ଟା) ଏବେ ୫୦୦ ଅଧ୍ୟାୟ ଅତିକ୍ରମ କରି ସାରିଛି। ଏହାର କାହାଣୀରେ ଆସିଥିବା ମୋଡ ଅନୁସାରେ ସୌଭାଗ୍ୟ ଓ କାଜଲଙ୍କ ନିର୍ବନ୍ଧ ଦିନ ସୌଭାଗ୍ୟ ସ୍ମୃତିକୁ ଭୁଲ ବୁଝି ବହୁତ କିଛି କହି ଦେଇଛନ୍ତି, ଯାହାର ଫଳ ସ୍ୱରୂପ ସ୍ମୃତି ଘର ଛାଡି ଚାଲି ଯିବାର ନିଷ୍ପତ୍ତି ନେଇଛନ୍ତି। ସ୍ମୃତି ଘରୁ ବାହାରକୁ ଯିବା ପରେ, ଅମିତ ତାକୁ ଅପହରଣ କରି ଏକ ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରେ। ହେଲେ ଠିକ ସମୟରେ ସୌଭାଗ୍ୟ ପହଞ୍ଚି ସ୍ମୃତିଙ୍କୁ ଉଦ୍ଧାର କରନ୍ତି ଓ ସେହି ସ୍ଥାନରୁ ଖସିଯିବା ସମୟରେ, ଦୁହେଁ ରାତିସାରା ଅନ୍ୟ ଏକ ମନ୍ଦିରରେ ଲୁଚି ରହନ୍ତି। ସ୍ଥାନୀୟ ଗାଁ ଲୋକମାନେ ମନ୍ଦିରର ସମ୍ମାନ ଓ ପବିତ୍ରତା ରକ୍ଷା ପାଇଁ ସେମାନଙ୍କୁ ସେହି ମନ୍ଦିରରେ ବିବାହ କରିବାକୁ ବାଧ୍ୟ କରନ୍ତି। ସୌଭାଗ୍ୟ କ'ଣ ସ୍ମୃତି କୁ ସ୍ତ୍ରୀ ରୂପେ ଗ୍ରହଣ କରିବେ? ଏମିତି ଅନେକ ପ୍ରଶ୍ନର ଉତ୍ତର ଏହି ଧାରାବାହିକରେ ରହିଛି। ଏହାର ମୁଖ୍ୟ ଭୂମିକାରେ ସାଗର ଏବଂ ସୋନାଲି ଅଭିନୟ କରୁଛନ୍ତି।



ଧାରାବାହିକ 'ଭାଗ୍ୟରେଖା'ରେ ସୋନାଲି-ସାଗର

# ରାଜି ହେଲେ ଦୀପିକା

ଯାହାହେଉ ଶେଷରେ ଦୀପିକା ପାଦୁକୋନ୍ ରାଜି ହୋଇଛନ୍ତି। କଥା କ'ଣ କି ମ୍ୟାଡକ୍ ହରର୍ କମେଡି ୟୁନିଭର୍ସର 'ସ୍ତ୍ରୀଭର୍ସ'ଫିଲ୍ମର ଏକ ଭୂମିକା ପାଇଁ ମ୍ୟାଡକ୍ ଜଣେ ପରିଚିତା ବଲିଉଡ୍ ଅଭିନେତ୍ରୀଙ୍କୁ ସାଇନ୍ କରାଇବାକୁ ଚାହୁଁଥିଲେ। ଏ ନେଇ ମାଇଣ୍ଡ ମେକ୍ଅପ୍ କରିବା ପରେ ଦୀପିକାଙ୍କୁ ଯୋଗାଯୋଗ କରିଥିଲେ ମ୍ୟାଡକ୍। ହେଲେ ଏନେଇ ସମ୍ମତି ଜଣାଇବାକୁ କିଛି ଦିନ ସମୟ ନେଇଥିଲେ ଦୀପିକା। ଏ ବିଷୟରେ ସେ କୁହନ୍ତି, ''ମ୍ୟାଡକ୍ ମୋତେ ଏହି ପ୍ରୋଜେକ୍ଟରେ ଆକ୍ଟିଂ କରିବାକୁ ଅଫର ଦେଇଥିଲେ। ଶେଷରେ ତାହାକୁ ମୁଁ ଗ୍ରହଣ କରିଛି। ଏଥିରେ ମୁଁ ଭୁତୁଣୀ ସାଖ୍ଚୁନି ଭୂମିକାରେ ଅଭିନୟ କରିବି। ଜଣେ ବିବାହିତା କିପରି ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛି ଆଉ ମରିଯିବା ପରେ ତାହାର ଅତୃପ୍ତ ଆତ୍ମା କ'ଣ କରୁଛି, ତାହାକୁ ନେଇ କାହାଣୀ ଗତି କରିଛି। ଆଶା ରଖିଛି ଏହି ଭୂମିକା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ।'' ପୁଣି ଶୁଣିବାକୁ ମିଳୁଛି ଯେ, ମ୍ୟାଡକ୍ଙ୍କ ଅଗାମୀ ଦୁଇଟି ପ୍ରୋଜେକ୍ଟରେ ବି ଦୀପିକା ଅଭିନୟ କରିବାର ଯୋଜନା ରହିଛି।



ଦୀପିକା

# ରାମ ରାଜ୍ୟ



ପୁନମ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ରାମ ରାଜ୍ୟ'। ଏହି ଫିଲ୍ମରୁ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି ନବାଗତ ପ୍ରେମ ପରିଜା। ଆଉ ତାଙ୍କର ନାୟିକା ସାଜିଛନ୍ତି ପୁନମ ମିଶ୍ର। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ତଥା ଯୁବ ପ୍ରଯୋଜକ ପ୍ରୀତମ ସାହୁ। କିଛି ବର୍ଷ ପୂର୍ବେ ତାଙ୍କ ଦ୍ୱାରା ପ୍ରଯୋଜିତ 'କଟକ : ଶେଷରୁ ଆରମ୍ଭ' ଦଶହରାରେ ହିଟ୍ ସାବ୍ୟସ୍ତ ହୋଇଥିଲା। ବାସ୍, ଏହାର କାହାଣୀ ଯେଉଁଠି ଶେଷ ହୋଇଥିଲା ଏହି ନୂଆ ସିନେମାର କଥାବସ୍ତୁ ସେଠାରୁ ହିଁ ଆରମ୍ଭ ହେଉଛି। ଏହି ପ୍ୟାନ୍-ଇଣ୍ଡିଆ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ନବାଗତ ନାୟକ ପ୍ରେମ ଏହାପୂର୍ବରୁ ବିପୁଲ ଶାହାଙ୍କ ମେଗା ଧାରାବାହିକ ତଥା ଜିଓ ହଟ୍‌ଷ୍ଟାରରେ ପ୍ରସାରିତ 'କମାଣ୍ଡୋ'ରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ମୁମ୍ବାଇରେ ରହୁଥିବା ପ୍ରେମ ଏହି ଫିଲ୍ମରେ ଆକ୍ସନ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହାର ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ମୁମ୍ବାଇର ରୋହିତ ରାୟ, କନିକା ମାନ୍ଙ୍କ ବ୍ୟତୀତ ଅଭିଷେକ ପଣ୍ଡା, ପୁନମ ମିଶ୍ର, ଜ୍ୟୋତି ମିଶ୍ରଙ୍କ ବ୍ୟତିତ ଏକ ବିଶେଷ ଭୂମିକାରେ ପ୍ରଯୋଜକ ପ୍ରୀତମଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ ଆକ୍ସନ-ପ୍ୟାକ୍‌ଡ ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ସୁଧାଂଶୁ।

# ଦିନ କେଇଟାର ଅପେକ୍ଷା...

ଯାହାହେଉ ସେହି ବହୁ ପ୍ରତିକ୍ଷୀତ ଦିନ ପାଖେଇ ଆସୁଛି। ଆଉ ଦୁଇ ସପ୍ତାହ ପରେ ଫିଲ୍ମଟି ରିଲିଜ ହେବ। ତେଣୁ ଏହାକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଅନନ୍ୟା ପାଣ୍ଡେ। ହଁ,ଏହି ଫିଲ୍ମଟି ହେଲା 'ତୁ ମେରି ମେଁ ତେରା, ମେଁ ତେରା ତୁ ମେରି'। ଏହି ସିନେମା ଚଳିତ ମାସ ୨୫ରେ ପରଦା ଉପରକୁ ଆସୁଛି। ଏ ବିଷୟରେ ଅନନ୍ୟା କହନ୍ତି, 'ମୁଁ ବେଶ୍ ଉତ୍ସୁକତାର ସହ ସେହି ଶୁଭଦିନକୁ ଅପେକ୍ଷା କରିଛି। କାରଣ ଏଥିରେ ମୋତେ ଯେଉଁ ରୋମାଣ୍ଟିକ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଦୃଢ଼ ବିଶ୍ୱାସ ରହିଛି। ନିକଟରେ ଏହି ଫିଲ୍ମର ମୋର କେତୋଟି ଫଟୋକୁ ମୁଁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲି। ସେଗୁଡିକୁ ମୋ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ଏହାବ୍ୟତୀତ ଏହି ଫିଲ୍ମର ଟାଇଟଲ ଟ୍ରାକ୍ ମଧ୍ୟ ଦର୍ଶକାଦୃତ ହୋଇଛି।'' ଏହାର କାହାଣୀ ରଚନା କରିଛନ୍ତି କରନ୍ ଶ୍ରୀକାନ୍ତ ଶର୍ମା। ଚିତ୍ରଟିର ଅନ୍ୟତମ ପ୍ରଯୋଜକ ଅଛନ୍ତି କରନ୍ ଜୋହର। ଏଥିରେ ଅନନ୍ୟାଙ୍କ ନାୟକ ସାଜିଛନ୍ତି କାର୍ତ୍ତିକ ଆର୍ଯ୍ୟନ। ଏହାବ୍ୟତୀତ ଜ୍ୟାକି ଶ୍ରଫ ଏବଂ ନିନା ଗୁପ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।



ଅନନ୍ୟା

# ଭୁଲନ୍ତି ନାହିଁ ତ୍ରିପ୍ତି

ତ୍ରିପ୍ତି ଡିମିରି ଯେତେ ବ୍ୟସ୍ତ ରହିଲେ ମଧ୍ୟ ଗୋଟିଏ କଥାକୁ ଆଦୌ ଭୁଲନ୍ତି ନାହିଁ। ତାହା କ'ଣ ଜାଣନ୍ତି? ନିଜର ଫିଟ୍‌ନେସ୍। ସେ ଏଥିପ୍ରତି ସବୁବେଳେ ବେଶ୍ ସଚେତନ ଥାଆନ୍ତି। ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଜିମ୍ ଯିବା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ହେଲେ ତାଙ୍କର ଏହି ମିଶନକୁ ଆଗକୁ ଆଗେଇ ନେବାରେ ଜଣଙ୍କର ଟିପ୍ସ ବେଶ୍ ସହାୟକ ହୋଇଛି। ଏ ବିଷୟରେ ତ୍ରିପ୍ତି କହନ୍ତି, ''ଏକଦା ମୋର କରୀନା କପୁରଙ୍କ ସହ ଭେଟ ହୋଇଥିଲା। ଆଉ ସେହି ଅଳ୍ପ ସମୟ ଭିତରେ ସେ ମୋତେ ଫିଟ୍‌ନେସ୍ ବିଷୟରେ ବେଶ୍ କେତୋଟି ଉପାଦେୟ ଟିପ୍ସ ଦେଇଥିଲେ। ଆଉ ସେଗୁଡିକୁ ମୁଁ ଠିକ୍ ଭାବରେ ଉପଯୋଗ କରୁଛି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ଜିମ୍ ଯିବାକୁ ଆଦୌ ଭୁଲି ନ ଥାଏ। ତା'ସହ ଖାଦ୍ୟପେୟ ଏବଂ ଡେଲି ଲାଇଫ ରୁଟିନ୍‌କୁ ନେଇ ମଧ୍ୟ ସଚେତନ ଥାଏ।'' ତ୍ରିପ୍ତିଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୭ରୁ ଆଉ ଫିଲ୍ମଟି ଥିଲା 'ପୋଷ୍ଟର ବୟ'। ହେଲେ ଏଥିରେ ସେ ଜଣେ ସପୋର୍ଟିଙ୍ଗ ଆକ୍ଟ୍ରେସ ଭାବରେ ଅଭିନୟ କରିଥିଲେ। ତେବେ 'ଆନିମଲ୍'ର ସକସେସ୍ ପରେ ତାଙ୍କୁ ଏବେ କେତେଗୁଡିଏ ଭଲ ଅଫର ମିଳୁଛି। 'ଲୈଲା ମଜ୍‌ନୁ', 'ବୁଲ୍‌ବୁଲ୍' ଏବଂ 'କ୍ୱେଲା'ରେ ତାଙ୍କର ଅଭିନୟକୁ ବେଶ୍ ପ୍ରଶଂସା କରାଯାଇଥିଲା। ସେ ପୁନେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ (ଏଫଟିଆଇଆଇ)ରୁ ଆକ୍ଟିଂର ତାଲିମ ନେଇଥିଲେ।



ତ୍ରିପ୍ତି

# ରହିଗଲା ଅବସୋସ

ସଞ୍ଜୟ ଦତ୍ତ ଅନେକ ହିଟ୍ ସିନେମାରେ ଅଭିନୟ କରିଛନ୍ତି। ତା'ସହ ବ୍ୟକ୍ତିଗତ ଜୀବନରେ କେତେକ ଘଟଣାକୁ ନେଇ ଚର୍ଚ୍ଚାରେ ମଧ୍ୟ ରହିଛନ୍ତି। ଏପରିକି ଟାଡା ଘଟଣାରେ ସଂପୃକ୍ତିକୁ ନେଇ ତାଙ୍କୁ ଜେଲ୍ ଯିବାକୁ ପଡିଥିଲା। ହେଲେ ନିଜ ଆକ୍ଟିଂ କ୍ୟାରିୟର ପ୍ରାରମ୍ଭରେ ତାଙ୍କର ଏକ ଅବସୋସ ରହିଯାଇଥିଲା। ସଞ୍ଜୟଙ୍କ ପ୍ରଥମ ସିନେମା ଥିଲା 'ରକି'। ତାଙ୍କର ଆଶା ଥିଲା ଯେ, ଏହାର ପ୍ରିମିୟରେ ପାପା ସୁନୀଲ ଦତ୍ତ ଏବଂ ମା' ନର୍ଗିସ ଯୋଗ ଦେଇ ଫିଲ୍ମଟିକୁ ଦେଖିବେ। ହେଲେ ଦୁର୍ଭାଗ୍ୟ, ତା'ପୂର୍ବରୁ ନର୍ଗିସ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇସାରିଥିଲେ ଆଉ 'ରକି' ରିଲିଜ ସମୟରେ ସେ ସିରିୟସ ଥିଲେ। ତେଣୁ ଏହି ସିନେମାର ପ୍ରିମିୟରକୁ ସେ ଯାଇପାରି ନ ଥିଲେ। ଏହାର କିଛି ଦିନ ପରେ ତାଙ୍କର ପରଲୋକ ଘଟିଥିଲା। ଏପରିକି ପ୍ରିମିୟର ଦିନ ନର୍ଗିସଙ୍କ ସମ୍ମାନାର୍ଥେ ଗୋଟିଏ ସିଟ୍ ଫାଙ୍କା ରଖାଯାଇଥିଲା। ଏ ନେଇ ସଞ୍ଜୟ କହନ୍ତି, ''ମୋ ଅଭିନୀତ ପ୍ରଥମ ଫିଲ୍ମ 'ରକି'ର ପ୍ରିମିୟର ମୋ ମା' ଦେଖିପାରି ନ ଥିଲେ। ପୁଣି ଏହା ରିଲିଜ ହେବାର କିଛି ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ସମ୍ମାନ ଜଣାଇବାକୁ ଏହାର ପ୍ରିମିୟର ଦିନ ସହ ମୃତ୍ୟୁର କିଛି ଦିନ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ଗୋଟିଏ ସିଟ୍ ଖାଲି ରଖାଯାଇଥିଲା। ଏହି ଘଟଣାଟି ମୋର ସାରା ଜୀବନ ମନେ ରହିବ।''



ସଞ୍ଜୟ

## ପ୍ରଥମ ରୋଜଗାର

# ମା’ ପାଇଁ ଟେବୁଲ୍ ଫ୍ୟାନ୍ କିଣିଥିଲି



ଗାଳ୍ପିକା ଦେବଦିପ୍ତା ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଓଡ଼ିଶାରେ ଜନ୍ମ ହୋଇ ପାଠପଢ଼ି, ବାହା ହୋଇ, ମା’ ହୋଇ ଯଥେଷ୍ଟ ଜୀବନ କଟାଇବା ପରେ ଆମେ ସମସ୍ତେ ମହାରାଷ୍ଟ୍ର ପଳେଇ ଆସିଲୁ ସ୍ୱାମୀଙ୍କ କର୍ମ ସଂସ୍ଥାନକୁ ଆଶ୍ରୟ କରି। ସେ ତାଙ୍କ କାମରେ ବ୍ୟସ୍ତ ହୋଇଗଲେ ଆଉ ମୋ ଉପରେ ଘର, ବନ୍ଧୁବାନ୍ଧବ, ଛୁଆ ସମସ୍ତଙ୍କର ଦାୟିତ୍ୱ ଆସିଗଲା। ସେଥିଲାଗି ମୋତେ ଅନେକ ସମୟରେ ଟ୍ରାଭେଲ୍ କରିବାକୁ ପଡୁଥିଲା ଓଡ଼ିଶା ଆଉ ମହାରାଷ୍ଟ୍ର ମଧ୍ୟରେ। ଗପସପ ସମୟରେ ସହଯାତ୍ରୀମାନେ ପ୍ରଶ୍ନ କରନ୍ତି, ‘ମ୍ୟାଡାମ୍ ଆପଣ କ’ଣ କରନ୍ତି’? କାହିଁକି କେଜାଣି ମାଡ଼ି ପଡୁଥିଲା କହିବା ପାଇଁ ମୁଁ ଜଣେ ଗୃହିଣୀ ବୋଲି। ଆଜିର ସମୟରେ ଝିଅମାନେ କାମ କରିବା ନିହାତି ସାଧାରଣ କଥା। କିନ୍ତୁ ମୋ ସମୟରେ ଲୋକଙ୍କର ମାନସିକତା ଯଥେଷ୍ଟ ଭିନ୍ନ ଥିଲା। ଝିଅମାନେ କାମ କରିବା ସେ ପୁଣି ଛୋଟ ସହରରେ ବହୁତଗୁଡ଼ିଏ ପ୍ରଶ୍ନ ସୃଷ୍ଟି କରୁଥିଲା।

ସେତେବେଳେ ୧୯୮୯ ମସିହା। ହଠାତ୍ ବାପାଙ୍କର ଆକ୍ସିଡେଣ୍ଟ ହେଲା, ଆଉ ମାତ୍ର ୧୫ ଦିନ ଭିତରେ ସେ ଆଖି ବୁଜିଦେଲେ। ଚାହୁଁ ଚାହୁଁ ମୁଣ୍ଡ ଉପର ଛାତ ଚାଲିଗଲା। ବାପା ବ୍ୟବସାୟ କରୁଥିବା ହେତୁ ତାଙ୍କର ନା ପୋଭିଡେଣ୍ଟ ଫଣ୍ଡ ଥିଲା ନା ଥିଲା ପେନ୍‌ସନ୍। ମୋ ମା’ର ଶେତା ପଡି ଆସୁଥିବା ଚେହେରାକୁ ଆମେ ଭାଇଭଉଣୀ ତା’ ଅଜାଣତରେ ଲକ୍ଷ୍ୟ କରୁଥିଲୁ। ଭାଇ ବଡ଼, ତା’ ତଳକୁ ନାନୀ, ତା’ପରେ ମୁଁ ଏବଂ ମୋ ତଳକୁ ସାନ ଭଉଣୀ। ଭାଇ ଓ ନାନୀ ଅଣ୍ଟା ଭିଡ଼ିଲେ। ସେତେବେଳେ ମୁଁ ଯୁକ୍ତ୩ ଦ୍ୱିତୀୟ ବର୍ଷରେ ପଢୁଥାଏ। କିଏ ବା ମୋତେ କାମ ଦେବ। କିନ୍ତୁ ମୁଁ ପିଲାବେଳୁ ସ୍ୱାଭିମାନୀ। ଖାଇବା ବଢ଼ା ହେବା ପରେ ମୁଁ ଅସହାୟ ନଜରରେ ତାକୁ ଚାହୁଁଥିଲି ଆଉ ଭାବୁଥିଲି, କାଶ୍ ଯା’ ଭିତରେ ମୋର କିଛି ଅବଦାନ ଥାଆନ୍ତି କି? ସଙ୍କୋଚ ଆଉ ଆବଶ୍ୟକତା ମଧ୍ୟର ବ୍ୟବଧାନ ମୋତେ ବ୍ୟତିବ୍ୟସ୍ତ କରୁଥାଏ। ଲୁଚି ଲୁଚି ଖବରକାଗଜର ନିଯୁକ୍ତି ବିଜ୍ଞାପନରେ ଆବେଦନ କରିବାକୁ ଲାଗିଲି। ଦିନେ ୪୦୦ ଟଙ୍କା ମାସିକ ବେତନରେ ମୋର ଏକ ବିଜ୍ଞାପନ କମ୍ପାନୀରେ ନିଯୁକ୍ତି ହୋଇଗଲା। କଲେଜରେ ଯେତିକି ପାରେ ସେତିକି କ୍ଲାସ୍ ସାରି ମୁଁ ଅଫିସ୍ ପଳାଉଥିଲି। କଷ୍ଟେମଷ୍ଟେ ଭାଇ ଆଉ ନାନୀଙ୍କ ରୋଜଗାରରେ ଘର ଚଳୁଥାଏ ଯାହା।

ଗରମ ଦିନେ ସିଲିଂ ଫ୍ୟାନ୍‌ଟା ଆମ ଜୀବନ ଶୈଳୀ ସହ ତାଳ ଦେଇ ଧୀରେ ଧୀରେ ବୁଲୁଥାଏ। କାନ୍ଥ କଡ଼ରେ ମା’ ଶୁଏ, ତା’ ଦେହ ପର୍ଯ୍ୟନ୍ତ ପହଞ୍ଚୁଥିବା ପବନ ତାକୁ ଯଥେଷ୍ଟ ହୁଏନି, ରାତିସାରା ସେ କଡ଼ ଲେଉଟାଏ। ଟେବୁଲ୍ ଫ୍ୟାନ୍‌ଟେ ହୁଅନ୍ତା କି? ସୀମିତ ଆୟ ଭିତରେ ଖଡ଼ା, ବଡ଼ି ଥୋଡ଼ର ଚିଠା ଭିତରେ ଟେବୁଲ୍ ଫ୍ୟାନ୍ ସ୍ଥାନ ପାଏନି। ମୋର ସେହି ଈପ୍‌ସିତ ଦିନ ଆସିଗଲା ଦୀର୍ଘ ୭ ଘଣ୍ଟା ଯାଏ ୩୦ ଦିନ ପରିଶ୍ରମ କଲା ପରେ ମୋ ହାତରେ ୪୦୦ ଟଙ୍କା। ଆଉ ମୁଁ ସେଦିନ ପୃଥିବୀର ସବୁଠାରୁ ଧନୀ। ମୁଁ ଘରେ ପହଞ୍ଚି ମା’ ଆଗେ ସବୁ ପଇସା ଥୋଇଦେଇ କହିଲି ଆମେ ଟେବୁଲ୍ ଫ୍ୟାନ ଆଣିବା, ଆଉ ଆମର ଟେବୁଲ୍ ଫ୍ୟାନ୍ ଆସିଲା ବି। ରାତିରେ ମୋ ମା’ର ମୁଣ୍ଡ ପାଖରେ ଗୋଲ ଗୋଲ ହୋଇ ପବନ ଛାଟି ଛୁଟି ବୁଲିଲା। ଏହା ଭିତରେ ମା’ର କେତେ ଟେବୁଲ୍ ଫ୍ୟାନ୍ ଆସିଲାଣି ଆଉ ଗଲାଣି, ତା’ ରଙ୍ଗ ବଦଳୁଥିବା ଚୁଟିର ସଂଖ୍ୟା ଭଳି। କିନ୍ତୁ ଏବେ ବି ସେ ସେଇ ଟେବୁଲ୍ ଫ୍ୟାନ୍ ଦେଇ ଶୋଉଛି ଆଉ ତା’ ନରମ ନରମ ଉଡୁଥିବା ଧଳା ଚୁଟି ମୋ ସ୍ମୃତିକୁ ଜୀବନ୍ତ କରୁଛି।

# ମନ ସାଥେ ମନ ପଡିଛି ବନ୍ଧା, ଫୁଲେଇ ରାଣୀ ସେ ରଜନୀଗନ୍ଧା

ସାଥୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ସେ ଯେତେବେଳେ ମୋତେ ଚାହିଁ ଦେଉଛି ମୋ ମନ କ’ଣ ହୋଇଯାଉଛି। ମତେ ଲାଗୁଛି ତା’ ପ୍ରେମ ଜାଲରେ ମୁଁ ବାନ୍ଧି ହୋଇଯାଇଛି। ଏବେ ତା’ସହ ଆଗେଇବା ଠିକ୍ ହେବ କି ?

*–ସୌମ୍ୟଜିତ ସାହୁ, କଟକ*

**ଉତ୍ତର :** ‘ମନ ସାଥେ ମନ ପଡିଛି ବନ୍ଧା, ଫୁଲେଇ ରାଣୀ ସେ ରଜନୀଗନ୍ଧା’। ଯଦି ଆପଣଙ୍କ ଭାବନା ସତ ହୋଇଥାଏ ତେବେ ସେଥିରୁ ପ୍ରେମର ପହିଲି ବାସ୍ନା ଆସୁଛି। ଦୁଇ ମନ ଯଦି ପ୍ରକୃତରେ ମିଶିଥାଏ ତେବେ କିଛି କହିବାର ନାହିଁ। କିନ୍ତୁ ଯଦି ଆପଣ ସପନ ରାଇଜରେ ଭାସୁଥାଆନ୍ତି ତେବେ କଥାଟି ଅଲଗା ହେବ। ତେଣୁ ବାସ୍ତବତାକୁ ଭଲ ଭାବରେ ପରଖି ନିଅନ୍ତୁ। ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ବୋଧହୁଏ ସେହି ହସରେ ‘ସମଥିଙ୍ଗ...ସମଥିଙ୍ଗ..’ ରହିଛି। ତେଣୁ ବେଳ ଦେଖି ମାଡି ଯାଆନ୍ତୁ।

**ପ୍ରଶ୍ନ**–ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

*–ତନ୍ମୟ ସାହୁ, ବଲାଙ୍ଗୀର*

**ଉତ୍ତର :** କଥାରେ ଅଛି ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣଙ୍କର ମନ ବୋଧହୁଏ ସେହି ସୁନ୍ଦରୀ ତରୁଣୀର ଲାଜୁଆ ହସରେ ବୁଡି ରହିଛି। ହେଲେ ସେହି ହସରେ ଅନେକ କଥା ଲୁଚି ରହିଥାଏ। ‘ଲାଜୁଆ ହସ : କେତେବେଳେ ମିଠା ପୁଣି କେତେବେଳେ ବିଷ’। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ମୁଁ କ’ଣ କରିବି ?

*–ମିଲନ କୁମାର, ଢେଙ୍କାନାଳ*

**ଉତ୍ତର :** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଝଟ୍‌କା ଦେଇ ଫୁର୍ କିନା ଉଡିଯିବେ। ତେଣୁ ବେଳ ଥାଉ ସାବଧାନ ରୁହନ୍ତୁ।

**ପ୍ରଶ୍ନ**–ପ୍ରେମ ନିଶା କେତେ ଗାଢ଼ ମୋତେ କହିବେ କି ସାଥୀ ?

*–ପ୍ରୀତମ, ରାଉରକେଲା*

**ଉତ୍ତର :** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମ କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?


*–ସୁନିତ ଦାସ, ଯାଜପୁର*

**ଉତ୍ତର :** ଆପଣ କହିଥିବା ମନର କଥାକୁ ବୋଧହୁଏ ସେ ତର୍ଜମା କରୁଛନ୍ତି। କିଛି ଭଲ ହେଉ କି ମନ୍ଦ କଥା ତାହା ଆପଣଙ୍କ ସାମନାରେ ପ୍ରକାଶ କରିବାକୁ ଚାହୁଁଛନ୍ତି। ହେଲେ ବୋଧହୁଏ ତାଙ୍କର ସାହସ ହେଉନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏକଥା ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !



# ଫୁଟ୍‌ବଲରଙ୍କ ଅଜବ ହେୟାର ଷ୍ଟାଇଲ୍


**ଫୁଟ୍‌ବଲ ଖେଳର ସାରା ପୃଥିବୀରେ ଅଛନ୍ତି ବହୁ ପ୍ରଶଂସକ । ଏହି ଖେଳ ଯେମିତି ଲୋକପ୍ରିୟ ଏହାର ଖେଳାଳିମାନେ ବି ସେମିତି ଲୋକପ୍ରିୟ ଓ ଚର୍ଚ୍ଚିତ । ସେମାନଙ୍କ ଷ୍ଟାଇଲ୍ ତ ସବୁବେଳେ ଥାଏ ଚର୍ଚ୍ଚାରେ । ଖାସ୍‌କରି ସେମାନଙ୍କ ନିଆରା ହେୟାର ଷ୍ଟାଇଲ୍ ଧ୍ୟାନ ଆକର୍ଷଣ କରିଥାଏ ସମସ୍ତଙ୍କର । ତେବେ କେତେଜଣ ପ୍ରସିଦ୍ଧ ଫୁଟ୍‌ବଲର ବେଳେବେଳେ ଏମିତି ଅଜବ ହେୟାର କଟ୍ କରିଛନ୍ତି ଯେ,ତାହାକୁ ସବୁଠୁ ଅଜବ ଓ ଖରାପ ହେୟାରକଟ୍ ଭିତରେ ଗଣନା କରାଯାଉଛି..**



ରୋନାଲ୍ଡୋ ନାଜାରିଓ



ଇଭାନ ପେରିସିକ୍



ଜୋ କୋଲ୍

**ରୋନାଲ୍ଡୋ ନାଜାରିଓ:** ବ୍ରାଜିଲର ପୂର୍ବତନ ଷ୍ଟ୍ରାଇକର୍ ରୋନାଲ୍ଡୋ ଥରେ କରିଥିଲେ ଏକ ଅଜବ ହେୟାରଷ୍ଟାଇଲ୍, ଯେଉଁଥିରେ ସେ ପୂରା ଲଣ୍ଡା ହୋଇଥିଲେ । ହେଲେ ଆଗପଟେ ରଖିଥିଲେ ଅଳ୍ପ କିଛି କେଶ । ଆଉ ଏହି ହେୟାରଷ୍ଟାଇଲ୍ ସେ ଖାସ୍‌କରି ପୁଅ ପାଇଁ କରିଥିଲେ । ୨୦୦୨ ୱାର୍ଲଡ କପ୍‌କୁ ତାଙ୍କ ପୁଅ ଟେଲିଭିଜନ୍ ପରଦାରେ ଦେଖିବାବେଳେ ଯେମିତି ସହଜରେ ତାଙ୍କୁ ଚିହ୍ନିପାରିବ ସେଥିପାଇଁ ସେ ଏଭଳି ହେୟାର୍ କଟ୍ କରିଥିଲେ । ଏହି ହେୟାର୍ ଷ୍ଟାଇଲ୍‌ରେ ଖେଳି ସେ ୱାର୍ଲଡ କପ୍‌ରେ ସାତୋଟି ମ୍ୟାଚ୍ ଖେଳିଥିଲେ ଓ ଆଠଟି ଗୋଲ୍ କରିଥିଲେ । ଫଳରେ ବ୍ରାଜିଲ ଟିମ୍ ପଞ୍ଚମ ଥର ପାଇଁ ୱାର୍ଲଡ କପ୍ ବିଜୟୀ ହୋଇଥିଲା । ଲଣ୍ଡା ମୁଣ୍ଡକୁ ସାମ୍‌ନାଭାଗରେ ଥିବା ଅଳ୍ପ କେଶର ଏହି ହେୟାର୍ କଟ୍ ସହ ୱାର୍ଲଡ କପ୍ ଟ୍ରଫିକୁ କିସ୍ କରୁଥିବାର ତାଙ୍କର ଫଟୋ ହେଉଛି ଫୁଟ୍‌ବଲ ଇତିହାସର ଏକ ଆଇକନିକ ମୋମେଣ୍ଟ । ଆଉ ଖୁବ୍ ଶୀଘ୍ର ବ୍ରାଜିଲର ଯୁବପିଢି ମଧ୍ୟ ତାଙ୍କ ଆଇଡଲ୍‌ଙ୍କ ହେୟାରଷ୍ଟାଇଲ୍ ଆପଣେଇଲେ । ଏମିତି କି ବ୍ରାଜିଲ୍‌ର ପ୍ରସିଦ୍ଧ ଫୁଟବଲର୍ ନେମର୍ ବି ଦାବି କରନ୍ତି ଯେ, ସେ ମଧ୍ୟ ଏହି କଟ୍ କରିଥିଲେ । ହେଲେ ପରେ ରୋନାଲ୍ଡୋ ଏହି ହେୟାର୍ କଟ୍ ପାଇଁ କ୍ଷମା ମାଗିଥିଲେ । ଆଉ ଏହି କ୍ଷମା ପ୍ରାର୍ଥନା ଥିଲା ସେହି ମା'ମାନଙ୍କ ପାଇଁ ଯାହାଙ୍କ ପିଲାମାନେ ତାଙ୍କୁ ଅନୁସରଣ କରି ଏହି ଅଜବ ହେୟାରଷ୍ଟାଇଲ୍ କରିଥିଲେ ।


**ଜିଓଭାନି ସିମୋନ:** ଆର୍ଜେଣ୍ଟିନା ଫୁଟ୍‌ବଲ ଟିମ୍ ମ୍ୟାନେଜର ତଥା ପୂର୍ବତନ ଫୁଟ୍‌ବଲ ଖେଳାଳି ଡିଏଗୋ ସିମୋନ୍‌ଙ୍କ ପୁଅ ହେଉଛନ୍ତି ଜିଓଭାନି ସିମୋନ୍ । ସେ ଆର୍ଜେଣ୍ଟିନାର ଜଣେ ପେସାଦାର ଫୁଟବଲ ଖେଳାଳି । ୨୦୧୩ ମସିହା, ତାଙ୍କୁ ଯେତେବେଳେ ୧୮ ବର୍ଷ ବୟସ ହୋଇଥାଏ ସେ ରିଭର୍ ପ୍ଲେଟ୍ ସ୍ପୋର୍ଟସ୍ କ୍ଲବ ତରଫରୁ ପ୍ରଥମ ଟିମ୍ ସ୍କ୍ୱାଡ ପାଇଁ ଚୟନ ହୋଇଥିଲେ । ଏହାପରେ ସେ ଏକ ଅଜବ ହେୟାରଷ୍ଟାଇଲ୍ କରିଥିଲେ । ବୟସ୍କ ବ୍ୟକ୍ତିମାନଙ୍କର ଯେମିତି ମୁଣ୍ଡର ସାମ୍‌ନା ଭାଗର କେଶ ସମ୍ପୂର୍ଣ୍ଣ ଚାଲିଯାଇ ମୁଣ୍ଡର ପଛଭାଗରେ ଅର୍ଦ୍ଧଗୋଲାକାରରେ କିଛି କେଶ ଥାଏ, ଠିକ୍ ସେହିଭଳି ଥିଲା ତାଙ୍କ ହେୟାର୍ କଟ୍ । ତେଣୁ ଏହି ହେୟାର୍ କଟ୍‌କୁ ଏପର୍ଯ୍ୟନ୍ତର ସବୁଠୁ ଖରାପ ହେୟାର ଷ୍ଟାଇଲ୍ ଭାବେ ଗଣନା କରାଯାଏ ।

**ଜୋ କୋଲ୍:** ଇଂଲଣ୍ଡର ପୂର୍ବତନ ଫୁଟବଲର୍ ଜୋ କୋଲ୍ ତାଙ୍କ କ୍ୟାରିୟର ୱେଷ୍ଟହାମ୍ ୟୁନାଇଟେଡ୍ ସ୍ପୋର୍ଟିଂରୁ ଆରମ୍ଭ କରିଥିଲେ । ତେଣୁ ୱେଷ୍ଟହାମ୍ ପ୍ରତି ତାଙ୍କର ଲୟାଲିଟି ପ୍ରଦର୍ଶନ କରିବା ଲାଗି ନିଜ ମୁଣ୍ଡକୁ ସମ୍ପୂର୍ଣ୍ଣଭାବେ ମୁଣ୍ଡନ କରି କେବଳ ସାମ୍‌ନା ଭାଗରୁ ପଛପଟ ପର୍ଯ୍ୟନ୍ତ କିଛି କେଶକୁ ବଡ଼ 'ଜେ' ଆକାରର କାଟିଥିଲେ । ଆଉ ତାକୁ ରେଡ୍ ପର୍ପଲ ରଙ୍ଗରେ ରଙ୍ଗାଇଥିଲେ । ୨୦୦୨ ଜୁଲାଇ ୨୩ ତାରିଖରେ ସାଉଥ ୟୁନାଇଟେଡ୍ ଓ ୱେଷ୍ଟହାମ୍ ୟୁନାଇଟେଡ୍ ମଧ୍ୟରେ ମ୍ୟାଚ୍ ପ୍ରି-ସିଜନ୍ ଫ୍ରେଣ୍ଡଲି ମ୍ୟାଚ୍ ବେଳେ ସେ ଏହି ହେୟାର୍ କଟ୍ କରିଥିଲେ ।

**ମାରିଓ ବାଲୋଟେଲି:** ଇଟାଲିର ପେସାଦାର ଫୁଟ୍‌ବଲର ମାରିଓ ବାଲୋଟେଲି ଜଣେ ଭଲ ଷ୍ଟ୍ରାଇକର୍ ଭାବେ ବେଶ୍ ପରିଚିତ । ସେ ପେନାଲ୍ଟି କିକ୍ ସ୍ପେଶାଲିଷ୍ଟ ଭାବେ ବି ପରିଚିତ । ଭଲ ଖେଳାଳି ଭାବେ ସେ ଯେତିକି ପରିଚିତ ତାଙ୍କର ଅଜବ ହେୟାର ଷ୍ଟାଇଲ୍ ପାଇଁ ସେ ଆହୁରି ଅଧିକ ପରିଚିତ । କେବେ ମୁଣ୍ଡର ସାମ୍‌ନାପଟରୁ ପଛପଟ ଯାଏ ଥିବା କେଶର ମଝିଭାଗକୁ ସରୁଭାବେ ରଖି ତାକୁ ଅଜବ ରଙ୍ଗରେ ରଙ୍ଗାଇ ଦୁଇ ପାର୍ଶ୍ୱର କେଶକୁ ପୂରା ଛୋଟ ଛୋଟ କରି କାଟି ସେଥିରେ ବିଭିନ୍ନ ଅଜବ ପ୍ରକାରର ପ୍ୟାଟର୍ନ କରନ୍ତି । ଆଉ କେବେ ଦୁଇ ପାର୍ଶ୍ୱର କେଶକୁ ସମ୍ପୂର୍ଣ୍ଣ ଭାବେ କାଟି କେବଳ ମୁଣ୍ଡର ମଝି ଭାଗର କେଶକୁ ସରୁଭାବେ ରଖି ନାନା ରଙ୍ଗରେ ରଙ୍ଗାନ୍ତି । ଏହାବାଦ୍ ସେ ଆହୁରି ଅନେକ ଅଜବ ପ୍ରକାରର ହେୟାର କଟ୍ କରି ସବୁବେଳେ ଚର୍ଚ୍ଚାରେ ରୁହନ୍ତି ।

**ଇଭାନ ପେରିସିକ୍:** କ୍ରୋଏସିଆର ପ୍ରସିଦ୍ଧ ଖେଳାଳି ଇଭାନ ପେରିସିକ୍ ଜଣେ ଭଲ ମିଡ୍‌ଫିଲ୍ଡର ଓ ୱିଙ୍ଗରଭାବେ ପରିଚିତ । ପେରିସିକ୍ ନିଜ ଟିମ୍ ପାଇଁ ବହୁତ ଗର୍ବ ଅନୁଭବ କରନ୍ତି । ଆଉ ନିଜର ଏହି ଭାବକୁ ପ୍ରଦର୍ଶନ କରିବା ଲାଗି ସେ ୨୦୨୦ ମସିହାରେ ନିଜର ହେୟାର ଷ୍ଟାଇଲକୁ କ୍ରୋଏସିଆ ଜାତୀୟ ପତାକା ତଥା ପୂର୍ବେ ଜର୍ସିରେ ଥିବା ଲାଲ ଓ ଧଳାରଙ୍ଗର ଚେକରବୋର୍ଡ ପରି କରିଥିଲେ । ଅର୍ଥାତ୍ ମୁଣ୍ଡର ଦୁଇ ପାର୍ଶ୍ୱର କେଶକୁ ପୂରାକାଟି ସେହି ସ୍ଥାନରେ ଧଳା ଓ ଲାଲରଙ୍ଗର ଚେକରବୋର୍ଡ କରିଥିଲେ । ଫଳରେ ସେ ବହୁତ ଚର୍ଚ୍ଚାକୁ ଆସିଥିଲେ ।

**ଡେଭିଡ୍ ବେକ୍‌ହାମ୍:** ଇଂଲଣ୍ଡର ପୂର୍ବତନ ଷ୍ଟାର ଫୁଟ୍‌ବଲର ହେଉଛନ୍ତି ଡେଭିଡ୍ ବେକ୍‌ହାମ୍ । ପୃଥିବୀର ସର୍ବଶ୍ରେଷ୍ଠ ଫୁଟ୍‌ବଲରଙ୍କ ମଧ୍ୟରେ ତାଙ୍କ ନାମ ଆସେ । ସେ ଯେମିତି ଭଲ ଖେଳୁଥିଲେ ତାଙ୍କ ଷ୍ଟାଇଲିଶ୍ ଲୁକ୍ ବି ସମସ୍ତଙ୍କୁ ବେଶ୍ ଭଲ ଲାଗୁଥିଲା । ଭିନ୍ନ ଭିନ୍ନ ହେୟାର ଷ୍ଟାଇଲରେ ସେ ସମସ୍ତଙ୍କ ମନ ଜିଣୁଥିଲେ । ତେବେ ୨୦୦୩ ମସିହାରେ ସେ କରିଥିବା 'କର୍ନରୋ' ହେୟାର ଷ୍ଟାଇଲ୍‌କୁ ସବୁଠୁ ଖରାପ ହେୟାର ଷ୍ଟାଇଲ୍ ଭାବେ ଗଣନା କରାଯାଏ ।



ମାରିଓ ବାଲୋଟେଲି



ଜିଓଭାନି ସିମୋନ

# ହାଃ ହାଃ

## ଫ୍ରି ଟାଇମ୍

ଘରକୁ ଆସିଥିବା କୁଣିଆ ମଣ୍ଟୁକୁ: ଫ୍ରି ଟାଇମ୍‌ରେ କ'ଣ କରୁ ?
ମଣ୍ଟୁ: ଫୋନ୍ ଚାର୍ଜ କରେ ।
କୁଣିଆ: ତେବେ ଫ୍ରି କେବେ ହୁଅ ?
ମଣ୍ଟୁ: ଯେତେବେଳେ ଫୋନ୍‌ର ଚାର୍ଜ ସରିଯାଏ ।

## ପାଗଳ

ଗୋଟେ ପାଗଳ ଆଇନା ଦେଖିବା ପରେ ଭାବିଲା –ୟାକୁ ମୁଁ କୋଉଠି ଦେଖିଛି । ଅନେକ ସମୟ ଭାବିବା ପରେ କହିଲା– ଧେତ୍, ଇଏ ପରା ସିଏ ଯିଏକି ସେଦିନ ମୋ ସହିତ କେଶ କାଟୁଥିଲା ।

## ନର୍କ

ଜଣେ ମଦୁଆ ବ୍ୟକ୍ତି ବସ୍‌ରେ ଚଢ଼ିଲା । ଆଉ ଏକ ସିଟ୍‌ରେ ବସିପଡ଼ିଲା । ସେଇ ପାଖ ସିଟ୍‌ରେ ଜଣେ ସାଧୁ ବାବା ବସିଥିଲେ । ସାଧୁବାବା ମଦୁଆର ଅବସ୍ଥା ଦେଖି କହିଲେ: ପୁଅ, ତମେ ନର୍କ ରାସ୍ତାକୁ ଯାଉଛ ।
ମଦୁଆ ଚିଲେଇକି: ହେ ଡ୍ରାଇଭର୍ ଭାଇ ଗାଡି ଅଟକାଅ । ମୁଁ ଭୁଲ ବସ୍‌ରେ ବସିପଡିଲି । ମୁଁ ନଖରା ଯିବି ନରକ ନୁହଁ ।

## 'ଜୋ' 'ୱହ'

ପପୁ ମଣ୍ଟୁକୁ:ତୁ ଜାଣିଛୁ 'ଜୋ ଡରଗୟା, ୱହ ମରଗୟା' କଥାଟି କେମିତି ଆସିଲା ?
ମଣ୍ଟୁ: ମୁଁ ଜାଣିନି ।
ପପୁ: ମୁଁ କହୁଛି ଶୁଣ । ଜାପାନରେ ଦୁଇ ଭାଇ ଥିଲେ । ଜଣଙ୍କ ନାଁ 'ଜୋ' ଥିଲା ଓ ଅନ୍ୟର ନାଁ 'ୱହ' । ଥରେ ରାତିରେ 'ଜୋ' ବାଥରୁମ୍‌ରେ ଭୂତ ଦେଖିଲା । ସେ ଡରିଗଲା ଓ ଭାଇ 'ୱହ' କୁ ଡାକିଲା । 'ୱହ' ଦୌଡ଼ି ଦୌଡ଼ି ଆସି ଯେତେବେଳେ ବାଥରୁମ୍‌ରେ ଭୂତକୁ ଦେଖିଦେଲା ତା'ର ହୃଦଘାତ ହେଇଗଲା । ଆଉ 'ୱହ' ମରିଗଲା । ଆଉ ସେବେଠାରୁ 'ଜୋ ଡର ଗୟା, ୱହ ମରଗୟା' କଥାଟିର ଆରମ୍ଭ ହେଲା ।




# ଶିଶୁପାଳଗଡ଼

ଭୁବନେଶ୍ୱରରେ ରହିଛି ଐତିହାସିକ ଶିଶୁପାଳଗଡ଼ । ଏହା ପ୍ରାଚୀନ କଳିଙ୍ଗର ଅନ୍ୟତମ ଶ୍ରେଷ୍ଠ କୀର୍ତ୍ତିରାଜି । ଏହା କେବଳ ପୁରାତନ କୀର୍ତ୍ତିରାଜି ତା' ନୁହେଁ ବରଂ ହଜାର ହଜାର ବର୍ଷତଳେ ଜୀବନ ଓ ସଭ୍ୟତାର ପରିଚୟ ଦିଏ । ସମ୍ରାଟ ମହାମେଘ ବାହନ ଐରଖାରବେଳଙ୍କ ରାଜଧାନୀ ଥିଲା ଶିଶୁପାଳଗଡ଼ । ଏହି ଗଡ଼ ନିକଟରେ ଗଙ୍ଗବତୀ ଓ ଦୟାନଦୀ ପ୍ରବାହିତ । (ଏହା ଇତିହାସରେ କେତେବେଳେ ତୋଷାଳି ନଗରୀ ତ କେତେବେଳେ କଳିଙ୍ଗନଗର ନାମରେ ପରିଚିତ ଥିଲା) । ଏବେ ଏହି ଗଡ଼ର ଅନେକ କୀର୍ତ୍ତିର ସ୍ମୃତି ମାଟି କୁନ୍ଦରେ ପୋତି ହୋଇ ରହିଛି । ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ଶିଶୁପାଳଗଡ଼ ଖନନକାର୍ଯ୍ୟରୁ ମୁଦ୍ରା, ପାତ୍ର ଓ ଗଡ଼ର ଧ୍ୱଂସାବଶେଷର କିୟଦଂଶ ମିଳିଥିଲା । ଏବେ ବି ଏହି ମାଟି ତଳୁ ମିଳୁଛି ପ୍ରାଚୀନ ସଭ୍ୟତାର ଅନେକ ସ୍ମୃତି ସ୍ମାରକୀ । ବହୁ ପ୍ରାଚୀନ ଯୁଗର ଓ ନୂତନ ପ୍ରସ୍ତର ଯୁଗର ବହୁ ଘରକରଣା ସାମଗ୍ରୀ । କେତେଜଣ ଐତିହାସିକଙ୍କ ମତରେ ଏହା କେଶରୀବଂଶୀୟ ରାଜା ଶିଶୁପାଳ କେଶରୀଙ୍କ ଦ୍ୱାରା ଏହି ଗଡ଼ ନିର୍ମାଣ କରାଯାଇଥିଲା ।

ଶିଶୁପାଳଗଡ଼ରେ ଏକାଧିକ ଦେବାଳୟ ରହିଛି । ସମ୍ଭବତଃ ଏହା ପ୍ରାଚୀନ କଳିଙ୍ଗର ତୋଷାଳି ଥିଲା । ଅନ୍ୟପକ୍ଷେ ଏହି ଗଡ଼ ଖନନରୁ ଜଣାପଡ଼େ ଯେ ଏହି ସ୍ଥାନଟି ଖ୍ରୀ.ପୂ. ତୃତୀୟ ଶତାବ୍ଦୀରୁ ୪ର୍ଥ ଶତାବ୍ଦୀ ମଧ୍ୟଭାଗ ପର୍ଯ୍ୟନ୍ତ ଅଧିକୃତ ହୋଇଥିଲା । କେତେକଙ୍କ ମତରେ ଏହି ଶିଶୁପାଳଗଡ଼ ମହାଭାରତ ଯୁଗର ଶିଶୁପାଳଙ୍କ ଗଡ଼ଥିଲା । ଶିଶୁପାଳଗଡ଼ର ଭଗ୍ନାବଶେଷରୁ ଜଣାପଡ଼େ ମହାଭାରତ ସଭ୍ୟତା ପରେ ଏହି ଗଡ଼ରେ ଏକ ଉନ୍ନତ ସଭ୍ୟତା ରହିଥିଲେ । ଯାହାକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ହରପ୍‌ପା ଓ ମହେଞ୍ଜୋଦାରୋ ସଭ୍ୟତା ସହ ତୁଳନା କରିଥାନ୍ତି । ଶିଶୁପାଳଗଡ଼ ଖନନରୁ ମାଟିର ୧୦ଫୁଟ୍ ତଳେ ଏକ ଉନ୍ନତ ସଭ୍ୟତାର ପରିଚୟମିଳେ । ମାଟି ଖନନବେଳେ ବିରାଟକାୟ ପଥର ଘରମାନ ଦୃଷ୍ଟିଗୋଚର ହୁଏ । ଘର ସବୁ ଅର୍ଦ୍ଧଗୋଲାକାର ଏବଂ ପାଖକୁ ପାଖ ଗୋଲାକାର ଆକାରରେ ରହିଛି । ଶତ୍ରୁ ଆକ୍ରମଣ ସମୟରେ ଗୋଟିଏ ପଟ ଦ୍ୱାରରୁ ଅନ୍ୟ ଦିଗରେ ଥିବା ଦ୍ୱାରକୁ ଯିବା ପାଇଁ ମାଟିତଳେ ପଥର ତିଆରି ଗୁପ୍ତ ସୁଡ଼ଙ୍ଗ ଥିଲା । ଶିଶୁପାଳଗଡ଼ ଏକ ବର୍ଗ କିମି ବିଶିଷ୍ଟ ବର୍ଗାକାର ଦୁର୍ଗ, ଯାହାର ସବୁ ଦିଗରେ ଦୁଇଟି ଲେଖାଏ ଦ୍ୱାର ରହିଛି । ଦୁର୍ଗରୁ ଜଳ ନିଷ୍କାସନ ପାଇଁ ସବୁ ଦିଗରେ ଗୋଟିଏ ଲେଖାଏ ଦ୍ୱାର ମଧ୍ୟ ରହିଛି । ଦୁର୍ଗର ପ୍ରାଚୀର ଚାରିକୋଣରେ ଚାରୋଟି ଉଚ୍ଚଗମ୍ବୁଜ ରହିଛି । ଯାହାକି ଶତ୍ରୁ ନିରୀକ୍ଷଣ ପାଇଁ ବ୍ୟବହାର କରାଯାଉଥିଲା । ଗମ୍ବୁଜକୁ ଲାଗି ଚାରି କୋଣରେ ଚାରୋଟି ପୁଷ୍କରିଣୀ ରହିଛି । ଗଡ଼ମଝିରେ ଦୁଇଟି ପୁଷ୍କରିଣୀ ରହିଛି । ଏହିଠାରେ ପୂର୍ବରୁ ଥିଲା ଷୋଳଖମ୍ବ । ଶିଶୁପାଳଙ୍କ ସମୟରେ ଶିଶୁପାଳଗଡ଼ର ଚାରିପାଖରେ ଗ୍ରାମଥିଲା । ତା'ର ଉଦାହରଣ ହେଉଛି ଦୟାନଦୀ ମଝିରେ ନାଥପୁର ପାଖରେ ଢାଉରଙ୍ଗିଆ ବୋଲି ଏକ ଜାଗା ଅଛି । ଯେଉଁଠି ବାଲି ଆଡ଼େଇ ଦେଲେ କେତେକ ଘରର ନିଅଁ ସବୁ ଦୃଷ୍ଟି ଗୋଚର ହୁଏ । ଶିଶୁପାଳ ଗଡ଼ ହେଉଛି ପୁରୁଣା ଗ୍ରାମ । ଗ୍ରାମକୁ ନେଇ ଲୋକମୁଖରେ ଅନେକ କଥା ରହିଛି । ଏହି ଗଡ଼ ମଧ୍ୟରେ ଦଳବେହେରା, ପାଇକରାୟ, ପାଟଶାଣୀ, ଛୁଆଳସିଂହ, ଚମ୍ପତିରାୟ, ଉତ୍ତରକବାଟ, ଦକ୍ଷିଣକବାଟ, ଜୟସିଂ ଆଦି ବହୁ ବଂଶଧର ଅଛନ୍ତି । ଶିଶୁପାଳଗଡ଼ର ଐତିହ୍ୟ ସୁରକ୍ଷା ନିମନ୍ତେ ସାଧାରଣରେ ଦାବି ହୋଇଛି । କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷାମଞ୍ଚ ତରଫରୁ ପ୍ରତିବର୍ଷ ଶିଶୁପାଳଗଡ଼ ମହୋତ୍ସବ ଆୟୋଜନ ହୋଇଥାଏ । ଶିଶୁପାଳଗଡ଼ ଐତିହ୍ୟ ସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ପ୍ରୟାସ ହେବା ଆବଶ୍ୟକ । ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

**–ବନବିହାରୀ ବେହେରା, ଫଟୋ:ସୁବାସ ପ୍ରଧାନ**









# ଆସାମର ନଦୀ ଦ୍ୱୀପ ମାଜୁଲି

*ଆସାମର ଏକ ବଡ଼ ନଦୀ ଦ୍ୱୀପ ଭାବେ ମାଜୁଲି ବେଶ୍ ପରିଚିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ତଥା ଏଠାକାର ଶାନ୍ତ ପରିବେଶରେ ବେଶ୍ କିଛି ସମୟ ବିତାଇଲେ ମନକୁ ଖୁବ୍ ଶାନ୍ତି ମିଳେ। ତା'ସହିତ ପର୍ଯ୍ୟଟକ ଏଠାରୁ ମାଛ ଚାଷ, ମାଟିର ବିଭିନ୍ନ କଳାକୃତି, ଡଙ୍ଗା ତିଆରି, ମୁଖା ତିଆରି ଆଦି ବିଷୟରେ ମଧ୍ୟ ଅନେକ ଅଜଣା କଥା ଜାଣିବାର ସୁଯୋଗ ପାଇପାରିବେ...*

**ମା**ଜୁଲି ; ଯାହାକୁ କେହି କେହି ମାଜୋଲି ବି କହିଥାନ୍ତି। ଏହା ଆସାମସ୍ଥିତ ବଡ଼ ନଦୀ ଦ୍ୱୀପ। ଏହାର ଦକ୍ଷିଣ ଏବଂ ପୂର୍ବ ଭାଗ ବ୍ରହ୍ମପୁତ୍ର ନଦୀ, ପଶ୍ଚିମରେ ସୁବନସିରି ନଦୀ ଏବଂ ଉତ୍ତରରେ ବ୍ରହ୍ମପୁତ୍ର ନଦୀର ଏକ ଶାଖା ଦ୍ୱାରା ପରିବେଷ୍ଟିତ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଆଜକୁ ପ୍ରାୟ ଦୁଇ ଶହ/ତିନି ଶହରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ଏଠାରେ ସିରିଜ ଭୂମିକମ୍ପ ହୋଇ ଏକ ବିରାଟ ବନ୍ୟା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥିଲା, ଯାହା ଏହି ଅଞ୍ଚଳକୁ ପୁନଃ ଆକାର ଦେଇଥିଲା। ଏହି ବନ୍ୟା ବ୍ରହ୍ମପୁତ୍ର ନଦୀକୁ ତା'ର ଗତିପଥ ପରିବର୍ତ୍ତନ କରିବାକୁ ବାଧ୍ୟ କରିଥିଲା, ଯାହାର ପରିଣାମ ସ୍ୱରୂପ ମାଜୁଲି ଦ୍ୱୀପ ସୃଷ୍ଟି ହୋଇଥିଲା। ଏହି ନଦୀ ଦ୍ୱୀପରେ ମୁଖ୍ୟତଃ ମିସିଂ, ଦେଓରି ଏବଂ ସୋନୋୱାଲ କଚାରୀ ଜନଜାତିର ଲୋକେ ବାସ କରିଥାନ୍ତି। ତା'ଛଡ଼ା ଆସାମୀ ସମ୍ପ୍ରଦାୟର କିଛି ଲୋକଙ୍କୁ ବି ଏଠାରେ ଦେଖିବାକୁ ମିଳେ। ଏଠାରେ ବିଶେଷକରି ମିସିଂ, ଅସମୀୟା ଏବଂ ଦେଓରି ଭାଷା କଥିତ ହୁଏ। ସୂଚନାନୁଯାୟୀ, ଏହି ଦ୍ୱୀପରେ କୁଆଡ଼େ ୧୪୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି ; ଯେଉଁଠାରେ ଦେଢ ଲକ୍ଷରୁ ଅଧିକ ଲୋକ ବାସ କରୁଥିବା ଅନୁମାନ କରାଯାଏ।

**ସଂସ୍କୃତି ଓ ପରମ୍ପରା:** ମାଜୁଲିର ସଂସ୍କୃତି ଓ ପରମ୍ପରା ବେଶ୍ ସମୃଦ୍ଧ। ଆଲି ଆଇ ଲିଗାଙ୍ଗ ହେଉଛି ଏଠାକାର ଏକ ମୁଖ୍ୟ ପର୍ବ ; ଯାହାକୁ ଫେବୃଆରୀର ମଧ୍ୟଭାଗରେ ପାଞ୍ଚ ଦିନ ଧରି ମହାଡମ୍ବରରେ ପାଳନ କରାଯାଇଥାଏ। ସେହିପରି ଭଲ ଫସଲ ହେବା ପାଇଁ ଏଠାକାର ପ୍ରତି ଗାଁରେ ଡୋନି ପୋଲୋ (ସୂର୍ଯ୍ୟ ଏବଂ ଚନ୍ଦ୍ର)ଙ୍କୁ ପୂଜା କରିବା ସହ ତାଙ୍କୁ ଖୁସି କରିବାକୁ ସ୍ଥାନୀୟ ଲୋକେ ଗୁମରାଗ ସୋମନ ନାମକ ଏକ ପାରମ୍ପରିକ ମିସିଂ ନୃତ୍ୟ ପରିବେଷଣ କରିଥାନ୍ତି ; ଯାହାକି ଏଠାକାର ଅନ୍ୟତମ ଆକର୍ଷଣ। ଏସବୁ ବ୍ୟତୀତ ଏଠାକାର ପାରମ୍ପରିକ ଲୋକଗୀତ ବି ଖୁବ୍ ଶ୍ରୁତିମଧୁର। ବିଭିନ୍ନ ପ୍ରକାର ନାଟକ ପରିବେଷଣ କରିବାରେ ବି ସ୍ଥାନୀୟ ଲୋକଙ୍କର ଖୁବ୍ ଶ୍ରଦ୍ଧା ରହିଛି।




**ଅର୍ଥନୀତି:** ମାଜୁଲିର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାଏ। ଧାନ ହେଉଛି ଏଠାକାର ମୁଖ୍ୟ ଚାଷ। ସୂଚନାନୁଯାୟୀ, ଏଠାରେ କୁଆଡ଼େ ଶହେରୁ ଊର୍ଦ୍ଧ୍ୱ କିସମର ଧାନ ଚାଷ ହୋଇଥାଏ। କେବଳ ସେତିକି ନୁହେଁ ମକା, ଗହମ, କଳା ଚଣା, କପା, ଝୋଟ, ଆଖୁ ଏପରି କି ବିଭିନ୍ନ ପ୍ରକାରର ପନିପରିବା ଓ ଫଳମୂଳ ବି ଏଠାରେ ଚାଷ କରାଯାଇଥାଏ। କୃଷି ବ୍ୟତୀତ ସ୍ଥାନୀୟ ଲୋକେ ମାଛ ଚାଷ, ମାଟିରେ ବିଭିନ୍ନ ପ୍ରକାରର ଘରୋଇ ଉପକରଣ, ଡଙ୍ଗା ତିଆରି, ମୁଖା ତିଆରି, କପା ଓ ଝୋଟ କାମ କରିବି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଏଠାକାର ମହିଳାମାନେ ନିଜେ ହାତବୁଣା ବସ୍ତ୍ର ତିଆରି କରି ପିନ୍ଧିବାକୁ ବେଶି ପସନ୍ଦ କରିଥାନ୍ତି। ମେଖିଲା ଚାଦର ଏଠାକାର ଏକ ଲୋକପ୍ରିୟ ବସ୍ତ୍ର।

**ଦେଖିବାଯୋଗ୍ୟ ସ୍ଥାନ:** ମାଜୁଲିରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଉପଭୋଗ କରିପାରିବେ। ତା'ସହିତ ଏଠାକାର ବିଭିନ୍ନ ପାରମ୍ପରିକ ଲୋକକଳା, କାରୁକାର୍ଯ୍ୟ, ପୂଜାପର୍ବ ବିଷୟରେ ଅନେକ ତଥ୍ୟ ମଧ୍ୟ ହାସଲ କରିପାରିବେ। ମାଜୁଲିରେ ଅନେକ ଆଧ୍ୟାତ୍ମିକ ପୀଠ ମଧ୍ୟ ରହିଛି ; ଯାହାକୁ ପର୍ଯ୍ୟଟକ ବୁଲି ଦେଖି ବି ପାରିବେ। ଏହା ବ୍ୟତୀତ ଏଠାରେ ବର୍ଷସାରା ବିଭିନ୍ନ ପକ୍ଷୀଙ୍କୁ ଦେଖିବାର ସୁଯୋଗ ମିଳେ। ବିଶେଷକରି ଶୀତଦିନେ ଅନେକ ବିଦେଶାଗତ ପକ୍ଷୀ ଏଠାକୁ ବୁଲି ଆସିଥାନ୍ତି ; ଯାହାକୁ ଦେଖି ଅପୂର୍ବ ଅନୁଭୂତି ପର୍ଯ୍ୟଟକ ସାଉଁଟିପାରିବେ।



**କେବେ ଓ କେମିତି ଯିବେ**

ବର୍ଷାଦିନେ ଏଠାରେ ପ୍ରାୟତଃ ବନ୍ୟା ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଥାଏ। ସେହିପରି ଖରାଦିନେ ଏଠାକାର ତାପମାତ୍ରା ପ୍ରାୟ ୩୫ରୁ ୩୬ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହେ। ସେଥିପାଇଁ ଅଧିକାଂଶ ପର୍ଯ୍ୟଟକ ଶୀତଦିନେ ମାଜୁଲି ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ସେହିପରି ମାଜୁଲିକୁ ପର୍ଯ୍ୟଟକ ଆସାମର ଜୋରହାଟଠାରୁ ଫେରି କିମ୍ବା ଡଙ୍ଗା ସାହାଯ୍ୟରେ ଯାଇ ସୁବିଧାରେ ପହଞ୍ଚିପାରିବେ।



# ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି

ଛିଙ୍କ ସମସ୍ତଙ୍କର ହୁଏ। ହେଲେ କେବେ ଭାବିଛନ୍ତି ଛିଙ୍କୁ ଛିଙ୍କୁ ଆଖି କାହିଁକି ବନ୍ଦ ହୋଇଯାଏ। ଜାଣନ୍ତୁ ସେ ସମ୍ପର୍କରେ..



ଛିଙ୍କିବା ଆମ ଶରୀରର ଏକ ପ୍ରାକୃତିକ ପଦ୍ଧତି, ଯାହାଦ୍ୱାରା ନାକ ନିଜକୁ ସଫା କରିଥାଏ। ଯେବେ ଆମ ନାକ ବା ଶ୍ୱସନ ତନ୍ତ୍ରରେ ଧୂଳି, ପରାଗ, ଧୂଆଁ ଅଥବା ଅନ୍ୟ କୌଣସି ବାହ୍ୟ ଅବାଞ୍ଛିତ କଣିକା ପ୍ରବେଶ କରେ, ଏହାକୁ ବାହାର କରିବା ଲାଗି ନାକର କୋମଳ ଆସ୍ତରଣ ସକ୍ରିୟ ହୋଇଯାଏ। ଏକ ସଙ୍କେତ ରୂପରେ ଏହି ବାର୍ତ୍ତା ଆମର ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ। ମସ୍ତିଷ୍କକୁ ଏହି ସଙ୍କେତ ମିଳିବା କ୍ଷଣି ମସ୍ତିଷ୍କ ଶରୀରକୁ ଛିଙ୍କିବା ପାଇଁ ନିର୍ଦ୍ଦେଶ ଦିଏ। ଛିଙ୍କ ହୁଏ। ଆଉ ଛିଙ୍କିବା ସମୟରେ ଆମର ଆଖି ବନ୍ଦ ହୋଇଯାଏ, ଜିଭ ଉପରକୁ ଉଠିଯାଏ ଓ ଶରୀରର ମାଂସପେଶୀ ସଙ୍କୋଚିତ ହୋଇଯାଏ। ଏହି ପୂରା ପ୍ରକ୍ରିୟା କେଇ ସେକେଣ୍ଡ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ।

ଆମ ନାକରେ ଏକ ପତଳା ଆର୍ଦ୍ର ଆସ୍ତରଣ ଥାଏ, ଯାହାକୁ ମ୍ୟୁକସ୍ ଝିଲି କୁହାଯାଏ। ଏହି ଆସ୍ତରଣରେ ଅନେକ ଛୋଟ ଛୋଟ କୋଷ ଥାଏ, ଯାହା କି ସହଜରେ ଯେକୌଣସି ପରିବର୍ତ୍ତନକୁ ଅନୁଭବ କରିନିଏ। ଯେତେବେଳେ କୌଣସି ଧୂଳି ଅବା ପରାଗ କଣିକା ଏହି ଆସ୍ତରଣକୁ ଛୁଏଁ କୋଷଗୁଡ଼ିକ ସକ୍ରିୟ ହୋଇଯାଏ ଓ ମସ୍ତିଷ୍କକୁ ସଙ୍କେତ ପଠାଏ। ଆଉ ମସ୍ତିଷ୍କ ଶରୀରକୁ ଆଦେଶ ଦିଏ କି ସେ ଛିଙ୍କୁ ଓ ହଇରାଣ କରୁଥିବା ବସ୍ତୁ ବାହାରକୁ ବାହାରିଯାଉ।

କେବେ କେବେ ଧୂଳି ଅବା ପାଉଡର ଭଳି କଣିକା ନାକକୁ ଚାଲିଯାଏ ଓ ନାକରେ ଜ୍ୱଳନ ହୁଏ, ଯାହାକି ଛିଙ୍କର କାରଣ ସାଜେ। ଏହାବାଦ ଆଲର୍ଜି ଓ ତୀବ୍ର ଆଲୋକ ମଧ୍ୟ ଛିଙ୍କିବାର କାରଣ ହୋଇପାରେ। ଏହି କଣିକା ଓ ଆଲର୍ଜି ନାକର ନର୍ଭଗୁଡ଼ିକୁ ସକ୍ରିୟ କରିଥାଏ। ଫଳରେ ଶରୀର ତାକୁ ବାହାର କରିବା ପାଇଁ ଛିଙ୍କ ହୁଏ।

**ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ:** ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ସଂକ୍ରମଣରୁ ରକ୍ଷା କରେ। ପାଟିରୁ ଲକ୍ଷ ଲକ୍ଷ ମାଇକ୍ରୋବ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ। ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋବ୍ସ, ବ୍ୟାକ୍ଟେରିଆ ଓ କଣିକାଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚିଯାଇଥାନ୍ତା। ଆଖି ବନ୍ଦ ହେବା ଯୋଗୁ ଆଖି ସଂକ୍ରମଣରୁ ବଞ୍ଚିଯାଏ। ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହାକୁ ରୋଗ ହେବାର ଆଶଙ୍କାରୁ ବଞ୍ଚାଇଥାଏ। ଛିଙ୍କିବା ସମୟରେ ଆଖି ବନ୍ଦ ହେବା ଏକ ସାଧାରଣ କଥା। ବିଶେଷଜ୍ଞଙ୍କ ମତରେ ଯେବେ ଆମେ ଛିଙ୍କୁ ଆମ ମସ୍ତିଷ୍କ ଆଖିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଏ। ଏହା ଏକ ଅନୈଚ୍ଛାକୃତ କ୍ରିୟା। ଅର୍ଥାତ୍ ଏହାକୁ ଆମେ ଆମ ଇଚ୍ଛାଦ୍ୱାରା ନିୟନ୍ତ୍ରଣ କରିପାରିବା ନାହିଁ। ଆମେ ଯେତେ ଚେଷ୍ଟା କଲେ ବି ଛିଙ୍କିବା ସମୟରେ ଆଖି ଖୋଲା ରଖିବା ଅସମ୍ଭବ।

ଛିଙ୍କିବା ସମୟରେ ଅନେକ ପରିବର୍ତ୍ତନ ହୁଏ। ମାଂସପେଶୀ ସଙ୍କୁଚିତ ହୋଇଯାଏ। ଆଉ ଏହା ଏତେ ତୀବ୍ର ଗତିରେ ହୁଏ ଯେ, ଲାଗେ ସତେ ଯେମିତି ହୃଦସ୍ପନ୍ଦନ ବନ୍ଦ ହୋଇଯାଏ କିଛି କ୍ଷଣ ପାଇଁ। ହେଲେ ହୃଦସ୍ପନ୍ଦନ ଅବିରତ ଚାଲିଥାଏ। ଛିଙ୍କ ହୋଇଗଲା ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରିଆସେ। ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛିଙ୍କକୁ ଆଦୌ ଅଟକାଇବା ଉଚିତ ନୁହେଁ। ଛିଙ୍କ ଏକ ପ୍ରାକୃତିକ ପଦ୍ଧତି, ଯାହାକି ଶରୀରର ହାନିକାରକ ପଦାର୍ଥଠାରୁ ଦୂରେଇବାରେ ସାହାଯ୍ୟ କରିଥାଏ। ଯେବେ ଛିଙ୍କ ଖୁବ୍ ଜୋର୍‌ରେ ଆସେ ଓ ଆପଣ ଏହାକୁ ଅଟକାନ୍ତି, ତେବେ ଏହା ଆଖି, ନାକ ଓ କାନ ପରଦାର ବ୍ଲଡ଼ ଭେସଲ୍ସ ଉପରେ ଚାପ ପକାଇପାରେ। ତେଣୁ ଯେତେବେଳେ ଛିଙ୍କ ଆସେ ଏହାକୁ ନର୍ମାଲ ଭାବେ ହେବାକୁ ଦେବା ଉଚିତ।

**ଛିଙ୍କ ସହ ଜଡ଼ିତ ମାନ୍ୟତା:** ଭିନ୍ନ ଭିନ୍ନ ସଂସ୍କୃତିରେ ଛିଙ୍କକୁ ନେଇ ଅଲଗା ଅଲଗା ମାନ୍ୟତା ରହିଛି। କିଛି ସଂସ୍କୃତିରେ ଛିଙ୍କକୁ ସୌଭାଗ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ ତ ଅନ୍ୟ କେଉଁ ସଂସ୍କୃତିରେ ଏହାକୁ ଅଶୁଭ ମଣାଯାଏ। ଯେମିତି କି କିଛି ଏସୀୟ ସଂସ୍କୃତିରେ ଛିଙ୍କିବା ଅର୍ଥ କେହି ଆପଣଙ୍କ ପାଇଁ ଖରାପ ଚିନ୍ତା କରୁଛନ୍ତି ଧରାଯାଏ।

କିଛି ପରମ୍ପରାରେ ଛିଙ୍କିବାବେଳେ 'ଗଡ୍ ବ୍ଲେସ୍ ୟୁ' କୁହାଯାଏ। କାରଣ ସେମାନଙ୍କ ମତରେ ଛିଙ୍କିବାବେଳେ କିଛି ସମୟ ପାଇଁ ଆତ୍ମା ଶରୀରଠାରୁ ବାହାରିଯାଏ। ଆଉ 'ଗଡ ବ୍ଲେସ୍ ୟୁ'କୁହାଯାଏ ଆତ୍ମାକୁ ସୁରକ୍ଷିତଭାବେ ଶରୀର ଭିତରକୁ ଆଣିବା ପାଇଁ।

ଆଉ ଏକ ସିଦ୍ଧାନ୍ତ ଅନୁସାରେ ପ୍ରାଚୀନ ରୋମ୍‌ରେ ବ୍ୟୁବୋନିକ ପ୍ଲେଗ୍ ପ୍ରକୋପରେ ଛିଙ୍କିବା ଏକ ସାଧାରଣ ଲକ୍ଷଣ ଥିଲା। ପୋପ୍ ଗ୍ରେଗୋରୀ ୭ମ ପ୍ଲେଗରୁ ବଞ୍ଚିବା ଲାଗି ଛିଙ୍କିବା ପରେ 'ଗଡ୍ ବ୍ଲେସ ୟୁ' କହିବାକୁ ପରାମର୍ଶ ଦେଇଥିଲେ।

ଏମିତିଭାବେ ଛିଙ୍କିବା କେବଳ ଶରୀରର ଏକ ପ୍ରାକୃତିକ ପଦ୍ଧତି ନୁହେଁ ବରଂ ଏହାର ସମ୍ପର୍କ ସଂସ୍କୃତି ଓ ପରମ୍ପରା ସହ ବି ରହିଛି।





# ଲୁହ ବିକୁଥିବା ମହିଳା



ମଣିଷ ସବୁବେଳେ ଚାହେଁ ହସିବାକୁ, ଖୁସିରେ ରହିବାକୁ। ଦୁଃଖରେ ରହିବା ଓ କାନ୍ଦିବା କାହାକୁ ବା ଭଲ ଲାଗେ ? ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ମହିଳା ଅଛନ୍ତି, ଯାହାଙ୍କୁ କି କାନ୍ଦିବା ବହୁତ ଭଲ ଲାଗେ। କାରଣ ଏଇ କାନ୍ଦିବା ଦ୍ୱାରା ସେ ଭଲ ରୋଜଗାର କରନ୍ତି। ଆମେରିକାର ମିଡ୍‌ୱେଷ୍ଟରେ ରହୁଥିବା ୪୪ ବର୍ଷୀୟା ଲିଜ୍ ରିଭର୍ ହେଉଛନ୍ତି ସେହି ମହିଳା, ଯିଏ କି କାନ୍ଦି କାନ୍ଦି ରୋଜଗାର କରନ୍ତି। ଭାବୁଥିବେ କାନ୍ଦିଲେ କେମିତି ରୋଜଗାର ହେବ। କଥା କ'ଣ କି ଏମିତିରେ ତ ଲିଜ୍‌ଙ୍କର କୌଣସି ଦୁଃଖ ନାହିଁ ହେଲେ ସବୁ ସମୟରେ କାନ୍ଦନ୍ତି। ଆଉ ନିଜର ଲୁହକୁ ସେ ଏକ କାଚ ବୋତଲରେ ଭର୍ତ୍ତି କରି ବିକ୍ରି କରନ୍ତି। ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ତାଙ୍କର ଏକ ବୋତଲ ଲୁହ ୫୨ ହଜାର ଟଙ୍କାରେ ବିକ୍ରି ହୁଏ। ଏହି ରୋଜଗାରରେ ସେ କ୍ରିସ୍‌ମସ୍ ସେଲିବ୍ରେଟ୍ କରନ୍ତି। ସେ କୁହନ୍ତି, 'ସାଧାରଣତଃ ଡିସେମ୍ବର ମାସ ଖୁସିରେ ଭରା ହୋଇଥାଏ। ହେଲେ ମୁଁ ଏହି ସମୟରେ ହିଁ ଅଧିକ କାନ୍ଦେ ; ଯଦ୍ୱାରା କି ଭଲ ରୋଜଗାର ହେବ ଓ କ୍ରିସ୍‌ମସ୍ ଧୁମ୍‌ଧାମ୍‌ରେ ସେଲିବ୍ରେଟ୍ ହେବ। ମୋ ଚାରି ସନ୍ତାନ କ୍ରିସ୍‌ମସ୍ ଭଲରେ ପାଳିବେ। ତେବେ ଏହା ମୁଁ କୌଣସି ଅସହାୟତା ପାଇଁ କରି ନ ଥାଏ। ବରଂ ଡିସେମ୍ବରରେ ହିଁ ମୋର ୱାର୍କ ମୋଡ୍ ଅଧିକ ଅନ୍ ହୋଇଯାଏ। ଆଉ ମୁଁ କାନ୍ଦି କାନ୍ଦି ରୋଜଗାର କରିବା ଆରମ୍ଭ କରିଦିଏ।

# 'ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ'



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

କିଛି ବେପାର ବର୍ଷ ତମାମ ଚାଲିଥାଏ। ଏଥିପାଇଁ ସ୍ଥାୟୀ ଦୋକାନ ଖୋଲିଥାଏ। ଆଉ କିଛି ବେପାର ପାର୍ବଣ ସମୟରେ ମୌକା ଦେଖି ହୁଏ। ଭଲ ବେପାରକୁ ଆଖିଆଗରେ ରଖି କିଛି ଅସ୍ଥାୟୀ ଦୋକାନ ଖୋଲେ। ଏହା ହେଲା ସିଜନାଲ ବେପାର। କଥା ହେଲା ଏ ସବୁ ପର୍ବପର୍ବାଣୀ ବାଦେ ଆଉ ଗୋଟେ ସିଜନାଲ ବେପାର ହେଲା ବିବାହ ତିଥି । ଏହା ଏପରି ଏକ ସିଜନ ଯାହାର ଆଗମନରେ ଆନନ୍ଦ ହିଁ ଆନନ୍ଦ। ବାଡୁଆ ପୁଅ ଝିଅ ସ୍ୱପ୍ନ ଦେଖିବା ଆରମ୍ଭ କରନ୍ତି। ଲୋକମତ କହୁଛି ମା'କୁ ସୁନ୍ଦରିଆ ଜ୍ୱାଇଁ କି ବୋହୂ ଦରକାର ବେଳେ ବାପାଙ୍କୁ ଭଲ ବନ୍ଧୁଘର ଦରକାର, ବାହାର ଲୋକଙ୍କୁ ଭଲ ଭୋଜି, ମାଇପି ଲୋକଙ୍କୁ ଶାଢ଼ି, ଗହଣା, ଆସବାବପତ୍ର ଦିଶୁଥିଲା ବେଳେ ଅଳଙ୍କାର ଦୋକାନୀ ଓ ବସ୍ତ୍ରାଳୟଙ୍କୁ ମାଲଦାର ପାର୍ଟି।

ବଡ଼ଦେଉଳରେ ସବୁ କାର୍ଯ୍ୟକୁ ସୁଗମ କରିବାକୁ ଛତିଶା ନିଯୋଗ ଅଛି। ମନ୍ଦିରର ସବୁ ନୀତିକାନ୍ତିକୁ ସୁଚାରୁ ରୂପେ କରିବାକୁ ସମସ୍ତଙ୍କ ମଧ୍ୟରେ କାମ ବଣ୍ଟା ଯାଇଥାଏ। କିଏ ଫୁଲ ଦେବ, କିଏ ପତାକା ବାନ୍ଧିବ, କିଏ ପ୍ରସାଦ ତିଆରି କରିବ, କିଏ ପୂଜା କରିବା ଭଳି ପ୍ରଭୁଙ୍କ ପ୍ରତି କାମ ପାଇଁ ନିର୍ଦ୍ଦିଷ୍ଟ ଦଳ ସବୁ ଥାଏ। ସେଭଳି ଏକ ସଫଳ ବାହାଘର ପଛରେ ବାସ୍ତରୀ କିମ୍ବା ତତୋଽଧିକ 'ନିଯୋଗ' ଯୋଡ଼ି ହୋଇଥାନ୍ତି। ପାତ୍ରପାତ୍ରୀ ଖୋଜିବାଠାରୁ ଦେଖାସାକ୍ଷାତ୍ ପର୍ବ, ଦିଆନିଆ ଚୁକ୍ତି, କାର୍ଡ ପ୍ରସ୍ତୁତି, ବିବାହ, ସାଜସଜ୍ଜା, ଫଟୋ ଓ ଭିଡିଓ କାମ ତାହା ପୁଣି ଫିଲ୍ମ ଷ୍ଟାଇଲରେ ବିବାହ ପୂର୍ବରୁ ଏବଂ ବିବାହ ସମୟରେ, ଭୋଜିଭାତ, ବାହାଘରର ପ୍ରସେଶନଠାରୁ ଚଉଠି କର୍ମ ପର୍ଯ୍ୟନ୍ତ ସବୁ କାମ ପାଇଁ ଅଲଗା ଅଲଗା ନିଯୋଗବାଲା ଦୋକାନ ଖୋଲି ବସିଛନ୍ତି। ଅବସ୍ଥା ଆସି ଏପରି ହେଲାଣି ବର କନ୍ୟାଙ୍କ ପାଇଁ ଭଡ଼ାରେ ମା'ବାପା ମଧ୍ୟ ଯୋଗାଡ଼ କରିବାକୁ ସଂସ୍ଥା ଖୋଲିଗଲାଣି। ଅବଶ୍ୟ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବ୍ୟସ୍ତ ଦମ୍ପତିମାନଙ୍କ ପାଇଁ ଛୁଆ ଜନ୍ମ କରିବାକୁ ଯେତେବେଳେ ଭଡ଼ାରେ ଗର୍ଭାଶୟ ମିଳୁଛି, ସେତେବେଳେ ମା'ବାପା ଭଡ଼ାରେ ମିଳିବା କେଉଁ ଅପୂର୍ବ କି? ପ୍ରତିଦିନ ନୂଆ ନୂଆ ଝିଅଙ୍କୁ ଧରି ବୁଲୁଥିବା ପୁଅଙ୍କୁ ବାହାଘର ପାଇଁ ସୀତା କି ସାବିତ୍ରୀ ଭଳି ପତିବ୍ରତା ଝିଅ ଦରକାର। ସ୍କୁଲ ରୁଟିନ ଭଳି ଦିନର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ବାଟେରା ରୋଡ୍ ରୋମିଓଙ୍କ ସହ ମଉଜ ମଜ୍ଲିସ କରୁଥିବା ଝିଅଙ୍କୁ ବାହା ପାଇଁ ସ୍ଥାୟୀ ଉଚ୍ଚ ରୋଜଗାରିଆ ସହ ଫିଲ୍ମ ଷ୍ଟାର ଚେହେରା ଥିବା ପୁଅ ଦରକାର। ପୁଅଟି ଏକମାତ୍ର ସନ୍ତାନ ଓ ଘରଠାରୁ ଦୂରରେ ରହୁଥିଲେ 'ସୋନେ ପେ ସୁହାଗା'। ବାହାଘର ତିଥି ଆସିଲେ ମଣ୍ଡପଠାରୁ ନେଇ ଭଣ୍ଡାରି ପର୍ଯ୍ୟନ୍ତ କାହାକୁ ନିଃଶ୍ୱାସ ନେବାକୁ ଫୁରୁସତ୍ ନ ଥାଏ। ଡିମାଣ୍ଡ ସପ୍ଲାଇର ତାରତମ୍ୟରେ ଅସ୍ୱାଭାବିକତା ଦେଖାଦେଲେ ହଠାତ୍ ବଜାରରେ ଦରଦାମ ହୁ ହୁ ହୋଇ ବଢ଼ିଯାଏ। ବେଳେ ବେଳେ ଆଦୌ ବିକ୍ରି ହେଉ ନ ଥିବା ଖରାପ ଜିନିଷ ମଧ୍ୟ ଏହି ମଉକାରେ ଦୋକାନୀ ତାଙ୍କ ଷ୍ଟକ୍ ଖଲାସ କରିଦିଅନ୍ତି। ତଥାପି କାହାରି ଆପତ୍ତି ନ ଥାଏ। ଆପଣ ନ ନେଲେ ଆଉ ଜଣେ ନେବାକୁ ତିଆର। ଆଜିକାଲିକା ବାହାଘର ଗୁଡାକ ବାହାଘର ଗିଫ୍ଟ ଭଳି। ଉପହାର ପ୍ୟାକେଟ୍ ଭିତରେ ଯାହା ଥାଉ ନା କାହିଁ କି ପ୍ୟାକିଂ ସୁନ୍ଦର ହୋଇଥିଲେ ଗଲା। ଛୋଟ ଛୋଟ ଗାଁରେ ବି ଏକା ଦିନେ ଦଶ କୋଡ଼ିଏ ଛୋଟ ବଡ଼ ବାହାଘର। କୁଣିଆ ଲୋକଙ୍କ ଭିଡ଼। ଅତିଥି ହାଉଯାଉ। ଫୋନ୍ କ୍ରସ୍ କନେକ୍ସନ ହେଲା ଭଳି କିଏ କାହା ଭୋଜିରେ ଯାଇ ଖାଇଦେଲାଣି ତ କିଏ କାହା ପାଇଁ ଉଦ୍ଦିଷ୍ଟ ଉପହାର ଆଉ କାହା ହାତରେ ଧରେଇଦେଲାଣି। ବେଳେବେଳେ ଗୋଟିଏ ଦିନରେ ଭିନ୍ନ ଭିନ୍ନ ଜାଗାରେ ହେଉଥିବା ବାହା ଭୋଜିରେ ଯୋଗ ଦେବାକୁ ହୁଏ। ଦେହ ଖରାପ, ଦୂର ଜାଗାକୁ ଯାଇଥିଲି ଭଳି ବାହାନା ସବୁ ପୁରୁଣା ହେଲାଣି। ଇଚ୍ଛା ନ ଥିଲେ ବି ବାଧ୍ୟବାଧକତାରେ ଅନେକ ଜାଗାରେ ମୁହଁ ଦେଖେଇବାକୁ ହୁଏ। ସାମାଜିକ ସମ୍ପର୍କ ରକ୍ଷା କରିବାକୁ ଏ ସବୁ ଜରୁରୀ।



ତୁମେ ଯାଇଥିଲେ ସେମାନେ ଆସିବେ, ତୁମେ ଦେଇଥିଲେ ସେମାନେ ଦେବେ। ଗିଫ୍ଟ ବା ବେଭାର ବୋଲି ଯେଉଁ ଶବ୍ଦଟିଏ ଅଛି ମୋତେ ଲାଗେ ବୋଧେ ତାହା ବେପାର ଶବ୍ଦର ଅପଭ୍ରଂଶ। ଯାହାକୁ ନିରିଖେଇ ଦେଖିଲେ ଜଣାପଡିବ ଏହା ପଛରେ କୌଣସି ଭଲ ପାଇବା ନ ଥାଏ ବରଂ ଏ ସବୁ ଖାଣ୍ଟି ଗାଣିତିକ ହିସାବପତ୍ର। ଋଣ କରଜ କରି ମିଛ ବଡ଼ିମା ଦେଖେଇ ହେବାର ଆୟୋଜନ ସବୁଠି ଚାଲିଛି। ଏତେ ସବୁ କରି ମଧ୍ୟ କେଉଁ ସୁଖ ଟିକେ ମିଳେ? କିଛି ଚିର ଅସନ୍ତୁଷ୍ଟିଆମାନେ ପେଟେ ଖାଇପିଇ ସାରିଲା ପରେ ସବୁଥିରେ ଖୁଣ ବାହାର କରିବେ ହିଁ କରିବେ। ପ୍ରୀତି ଭୋଜନ ଖାଇ ଫେରିବା ବାଟରେ ଦୁଇ ତିନି ଅତିଥି ଭେଟ ହେଲେ ଖାଦ୍ୟ କି ଆୟୋଜନକୁ ନେଇ ହେଉଥିବା କଥାଗୁଡ଼ାକ ଅତ୍ୟନ୍ତ ଅପ୍ରୀତିକର ଆଡ଼କୁ ଯାଏ। ସେହିପରି 'ପ୍ରୀତି ଭୋଜନ' ଅନେକ ଅତିଥିଙ୍କ ପାଇଁ 'ଅପ୍ରିୟଭୋଜନ' ହୋଇଯାଏ ଯଦି ମାଲପାଣିର ବ୍ୟବସ୍ଥା ନ ଥାଏ।

ଏତେ ସବୁ ଝାମେଲା ତୁଟେଇଲା ପରେ ବି କିଛି ଗ୍ୟାରେଣ୍ଟି ନାହିଁ ଯେ ବର କନ୍ୟାଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ଓ ଦୀର୍ଘାୟୁ ହେବ। ବଜାରବାଦର ସାଇଡ୍ ଇଫେକ୍ଟରେ ସମ୍ପର୍କ ସବୁ ଚାଇନା ମାଲ୍ ଭଳି ଅଳ୍ପାୟୁ। ଚାଲୁଛି ତ ଚାଲୁଛି ଯେଉଁଠି ବନ୍ଦ ହେଲା ଆଉ ସଜାଡି ହେବାର ନାହିଁ। ମନୋମାଳିନ୍ୟରୁ ବିବାହ ବିଚ୍ଛେଦ ଆଉ ତା'ପରେ ନାଲି କୋଠାର ଚକ୍କର କାଟ । ବିବାହ ବିଚ୍ଛେଦ ପାଇଁ ବର କନ୍ୟାଙ୍କ ସହ ଘର ଲୋକ ଯେତିକି ଦାୟୀ ଜ୍ୟୋତିଷ ଓ ପୂଜା କରିଥିବା ନନା ମଧ୍ୟ ସମ ପରିମାଣରେ ଦାୟୀ। କାରଣ ଜ୍ୟୋତିଷ ଯଜମାନଠାରୁ ପାଉଣା ପାଇ ମୀନ ରାଶିକୁ ବିଛା ରାଶି ଓ ତେପନ ବର୍ଷକୁ ପଇଁତିରିଶ ବର୍ଷ କରି ନାଗନାଡି ଦୋଷ ଥିବା ଜାତକକୁ ରାଜଜୋଟକ ପଡ଼ିଛି ବୋଲି କହିଥିଲେ। ଠିକ୍ ସେହିପରି ପୂଜା କରିଥିବା ନନା ରାମସ୍ୟ ସୀତା ଯଥା ରାବଣସ୍ୟ ମନ୍ଦୋଦରୀ ଶ୍ଳୋକ ପଢି ହୋମରେ ଘିଅ ଢାଳିଥିଲେ। ମୋ ବୁଢ଼ୀମା କୁହେ ସୀତା ଓ ମନ୍ଦୋଦରୀଙ୍କ ଭଳି ଅବସ୍ଥା ଯେମିତି କେଉଁ ସାତଶତ୍ରୁଙ୍କୁ ନ ପଡୁ।

ବରଯାତ୍ରୀଙ୍କ ପ୍ରସେଶନରେ ଡିଜେ ସହ ତାଳ ମିଳେଇ ନାଚିବାକୁ ବଛା ବଛା ଜେନ୍ ଜେଡ୍ ଯୁବକ ଯୁବତୀଙ୍କ ସହ ଧୁମ ଧଡକା ହାତାହାତି ପାଇଁ କିଛି ଗୁଣ୍ଡା ମାର୍କା ପିଲାଙ୍କୁ ଭଡ଼ାରେ ନିଆଯାଉଛି। ମାଲ୍ ନ ପଡିଲେ ନା ଗୋଡ଼ ଚାଲିବ ନା ପାଟି ଚାଲିବ ନା ହାତ ଚାଲିବ। ଏମିତି ଲାଗୁଚି ଗୋଟେ ବାହାଘର କରିବା ମାନେ ଦେଶ ସମ୍ଭାଳିବାଠାରୁ ଆହୁରି ଦୁଃସାଧ କାର୍ଯ୍ୟ। ବିରୋଧୀ ଦଳ, ପଡ଼ୋଶୀ ରାଷ୍ଟ୍ରର ଦୃଷ୍ଟିକୋଣ, ଆଭ୍ୟନ୍ତରୀଣ ବିଶୃଙ୍ଖଳା, ନିଜ ଲୋକଙ୍କ ଭିତରେ ମନୋମାଳିନ୍ୟ ସବୁକୁ ଏକ ସଙ୍ଗେ ଦେଖିବାକୁ ହେଲାଭଳି ବାହାଘରରେ ବହୁ ଦିଗକୁ ଦେଖିବାକୁ ପଡିଥାଏ। ବାହାଘର ସରିଲା ପରେ ନେଣ ଦେଣ, ଡକାହକା, ଚର୍ଚ୍ଚା ବର୍ଚ୍ଚାକୁ ନେଇ ଅନେକ ଲୋକଙ୍କ ମାନ ଅଭିମାନକୁ ସମ୍ଭାଳିବାକୁ ପୁଣି ପଡ଼େ।

କୁହାଯାଏ ପ୍ରେମ, ଯୁଦ୍ଧ ଏବଂ ବ୍ୟବସାୟରେ ସବୁ କିଛି ଯୁକ୍ତିଯୁକ୍ତ। ତେଣୁ ଯୁଦ୍ଧ ଓ ପରିବର୍ତ୍ତିତ ସମୟରେ ବିବାହ ମଧ୍ୟ ବ୍ୟବସାୟରେ ପରିଣତ ହୋଇସାରିଲାଣି। ବର କନ୍ୟାଙ୍କ ବ୍ୟକ୍ତିଗତ ଖୁସି ଅପେକ୍ଷା ବିବାହ ଦ୍ୱାରା କିଏ କେତେ ଲାଭବାନ ହେବେ ସେଇଟା ପାତ୍ର/ପାତ୍ରୀ ଚୟନର ମୁଖ୍ୟ କାରଣ ହେଲାଣି। ଯେମିତି ବର କନ୍ୟା ଉଭୟେ ଉଭୟଙ୍କ ପାଇଁ ଜଣେ ଜଣେ ଗ୍ରାହକ। ଗ୍ରାହକକୁ ଯଦି କାଳୀ ଗାଈର ମିଠା କ୍ଷୀର ଦରକାର ତେବେ ଧଳା ଗାଈ ଦେହରେ କଳା ରଙ୍ଗ ବୋଳି କାଳୀ ଗାଈ କହିବା ଆଉ ଅନୈତିକ ବୋଲି ଧରାଯାଉ ନାହିଁ। ଏସବୁ ବ୍ୟତିକ୍ରମ ଆମ ରକ୍ତରେ ଏପରି ମିଶିଗଲାଣି ଯେ ନୀତି ଅନୀତି ଭିତରେ ପାର୍ଥକ୍ୟ ଆଉ ଜଣାପଡୁନି। ବିବାହ ବର୍ତ୍ତମାନ କୌଣସି ଧାର୍ମିକ କିମ୍ବା ଆଧ୍ୟାତ୍ମିକ କାର୍ଯ୍ୟ ନୁହେଁ ବରଂ ଏକ ବ୍ୟବସାୟିକ ଧନ୍ଦାରେ ପରିଣତ ହୋଇସାରିଲାଣି। ଗୋରୁ ହାଟ ଭଳି ବର କନ୍ୟା ନିଲାମ ହେଉଛନ୍ତି। ସମ୍ପର୍କ ଯୋଡିବାକୁ ଚତୁରତା, ଶଠତା, ସତର୍କତା, ମିଛ ସତ, ଛକାପଞ୍ଝା ଉପାୟ ଅବଲମ୍ବନ କରିବାକୁ ଆଉ ନୈତିକତା ବାଧା ଦେଉନି। ତୁ ତ ମୁଠୁରୀ ମୁଁ ତ ମୁଠୁରୀ ନ୍ୟାୟରେ ଉଭୟ ପକ୍ଷ ଅନ୍ୟ ପକ୍ଷର ଗୋଇ ଜାଣି ମଧ୍ୟ ଅଜଣା ରହୁଛନ୍ତି। 'ଓଁ ଶ୍ରୀ ପ୍ରଜାପତୟେ ନମଃ' ଅର୍ଥ ପ୍ରଜାପତି ପରି ମଧୁ ଅନ୍ୱେଷଣରେ ଫୁଲରୁ ଫୁଲକୁ ଉଡ଼। ଅବଶ୍ୟ ଫୁଲମାନଙ୍କ ଅଭିସମ୍ପାତ ପଡିଲେ 'ପୁନର୍ମୂଷିକ ଭବଃ' ନ୍ୟାୟରେ ପ୍ରଜାପତିମାନେ ପୁଣି ଶଅଁବାଳୁଆ ହୋଇ ଯାଉଛନ୍ତି। ସ୍ୱଳ୍ପାୟୁ ଦାମ୍ପତ୍ୟ ଯେମିତି ଆଜିକା ଫ୍ୟାଶନ ହୋଇଗଲାଣି। ଏଆଇ ଉତ୍ତର ପରି କିଛି ସମୟପରେ ଆପେ ଆପେ ଡିଲିଟ୍ ହୋଇଯାଉଛି। ଏବେ ଆଉ ଚାଲୁଣି ଓ ଛୁଞ୍ଚି ଭିତରର କଥା ନାହିଁ ସିଧା ଖୁଲମଖୁଲ୍ଲା ଚାଲୁଣି ଚାଲୁଣି ଭିତରେ ସମ୍ପର୍କ ଯୋଡି ହୋଇଯାଉଛି। ଯଦି ନୈତିକତା ନାହିଁ ତେବେ ଯାହା ଅଛି ସବୁ 'ଅନୈତିକ' ବୋଲି ଧରିନେଇ ସେହି ଅନୁଯାୟୀ ନିଜକୁ ପ୍ରସ୍ତୁତ କରିନେଲେ ଅନ୍ତତଃ ମାନସିକ ଶାନ୍ତି ମିଳିବ।


*-ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଜ୍ୱାଳାମୁଖୀ

**ଡକ୍ଟର ସିନ୍ଧୁ ସେନ୍, ପ୍ରକାଶକ- ଏଥେନା ବୁକ୍ସ, ଭୁବନେଶ୍ୱର-୨ ମୂଲ୍ୟ-୨୨୦/-**

ଏହା ଏକ ପୌରାଣିକ ଚରିତ୍ର ଉପନ୍ୟାସ। ଏହାର କଥାବସ୍ତୁ ମହାଭାରତରୁ ଆଧାରିତ ହେଲେ ମଧ୍ୟ ସମ୍ପୂର୍ଣ୍ଣ ମହାଭାରତର ବର୍ଣ୍ଣନା ଏଠାରେ କରାଯାଇନାହିଁ। ମହାଭାରତର ବିଭିନ୍ନ ଚରିତ୍ରର ଆଲୋଚନା ଭିନ୍ନ ଭିନ୍ନ ସମୟରେ ହୋଇଛି। ସେହି ଚରିତ୍ରମାନଙ୍କ ମଧ୍ୟରେ ଅମ୍ବା ଏକ ଗୌଣ ଚରିତ୍ର ହେଲେ ମଧ୍ୟ ଲେଖିକାଙ୍କ ମନରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଥିଲା। ରୂପବତୀ ଅମ୍ବା ନିଜର ପ୍ରଥମ ପ୍ରେମିକ ଶଲ୍ୟଙ୍କଠାରୁ ନିର୍ଯାତିତ ହୋଇଥିଲା। ପରେ ଗଙ୍ଗାପୁତ୍ର ଭୀଷ୍ମଙ୍କଠାରୁ ମଧ୍ୟ। କ'ଣ ତା'ର ଭୁଲ୍ ଥିଲା। କେଉଁ ଅପରାଧରେ ତାକୁ ଅପରାଧିନୀ ଭଳି ଜୀବନ ଜିଇଁବାକୁ ପଡ଼ିଲା, ତାହା ହିଁ ଥିଲା ଦ୍ୱନ୍ଦ୍ୱ। ଗୋଟିଏ ପ୍ରତିଶୋଧର ଦାବାଗ୍ନି ଏତେ ଭୟଙ୍କର ହୋଇପାରେ ତାହା କେବଳ ଅମ୍ବା ଚରିତ୍ରରୁ ଜାଣିହୁଏ। ତେଣୁ ଏହି ମନସ୍ତତ୍ତ୍ୱ ବିଶ୍ଳେଷଣରେ ଅମ୍ବାକୁ 'ଜ୍ୱାଳାମୁଖୀ' ଭାବେ ଅଭିହିତ କରାଯାଇଛି। ଉପନ୍ୟାସଟି ମହାଭାରତର ଆଲେଖ୍ୟକୁ ନେଇ ରଚିତ, ଏହାକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ବୈଦିକ ସାହିତ୍ୟରୁ ତଥ୍ୟ ସଂଗ୍ରହ କରାଯାଇଛି। ଅନେକ ସମୟରେ କାଳ୍ପନିକ ପୁଟ ମଧ୍ୟ ଦିଆଯାଇଛି। ଲେଖିକା ନିଜସ୍ୱ ଭାବନା ଓ ଚିନ୍ତାଧାରାରେ ଅମ୍ବା ଚରିତ୍ରକୁ ଯେମିତି ଦେଖିଛନ୍ତି ସେହିପରି ଚିତ୍ରଣ କରିଛନ୍ତି। ଏହାର ଉପସ୍ଥାପନାରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ, ଯାହା ପାଠକର ଅନ୍ତର୍ଚେତନାକୁ ଆନ୍ଦୋଳିତ କରିବା ସହ ଭାବନା ରାଜ୍ୟକୁ ମୋହାବିଷ୍ଟ କରିବ।




### ପୁରାଣକଳ୍ପ

**ଡ. ବାସନ୍ତୀ ମହାନ୍ତି, ବିଦ୍ୟା ପବ୍ଲିସିଂ, ଟରାଣ୍ଟୋ, କାନାଡା ମୂଲ୍ୟ: ୨୫୦/-**

ପୁରାଣକଳ୍ପ ଡ. ବାସନ୍ତୀ ମହାନ୍ତିଙ୍କ ପୁସ୍ତକ। ଏଥିରେ ପୁରାଣ କାହାଣୀକୁ ନେଇ ୨୪ଟି ପ୍ରବନ୍ଧ ସ୍ଥାନ ପାଇଛି। ପୁରାଣ କେବଳ ମନୋରଞ୍ଜନ ପାଇଁ ଲେଖାଯାଇଥିବା କାହାଣୀ ନୁହେଁ, ଏହାର ମୂଳରେ ଥାଏ ଗୋଟିଏ ଜାତିର ଐତିହ୍ୟ, ଅସ୍ମିତା, ଆଶା, ଆକାଂକ୍ଷା ଓ ଆଭିମୁଖ୍ୟ। ଚରିତ୍ର ଓ ଘଟଣାବଳୀର ସତ୍ୟାସତ୍ୟ ଅପେକ୍ଷା ତତ୍କାଳୀନ ସମାଜର ବହୁବିଧ ନିଖୁଣ ଚିତ୍ର ବହନ କରିଥାଏ। ପୁରାଣକାରମାନେ ଗୋଟିଏ ଗୋଟିଏ କାଳଖଣ୍ଡର ନନ୍ଦିକାର। ସେମାନେ ତାଙ୍କ ସୃଷ୍ଟି ମାଧ୍ୟମରେ ଚରିତ୍ରମାନଙ୍କୁ ଅମର କରି ଦେଇଥାନ୍ତି। ଘଟଣାମାନ ସମକାଳୀନ ଆବେଦନ ନେଇ ଆମକୁ ଅନୁପ୍ରେରିତ କରିଆସୁଛି। ପ୍ରତ୍ୟେକ ଆଖ୍ୟାନ, ଉପାଖ୍ୟାନ ମୂଳରେ ଯେଉଁ ସାଙ୍କେତିକ ସ୍ୱରୂପ ରହିଛି ତାହା ହିଁ ଦେଶ ଓ ଜାତିର ଅମୂଲ୍ୟ ସମ୍ପଦ। ପୁରାଣକଳ୍ପ ପୁସ୍ତକଟି ଲେଖିକାଙ୍କ ପୁରାଣ ସାହିତ୍ୟରେ ଗଭୀର ଜ୍ଞାନର ପରିଚୟ ଦିଏ। ଲେଖାଗୁଡ଼ିକ ବିଭିନ୍ନ ସମୟ ଓ ସାମାଜିକ ପ୍ରେକ୍ଷାପଟରେ ଲେଖାଯାଇଛି ; ଯାହା ପାଠକାଦୃତି ପାଇବାର ଆଶା ରଖେ।



ବ୍ୟାକ୍ ପେଜ୍







# କ୍ୟାଟ୍ ଲଭରଙ୍କ ପାଇଁ

ଯେଉଁମାନେ ବିଲେଇକୁ ବହୁତ ଭଲ ପାଆନ୍ତି କିନ୍ତୁ ବିଲେଇକୁ ଛୁଇଁ ପାରନ୍ତି ନାହିଁ। କାରଣ ସେମାନେ ବିଲେଇ ପ୍ରତି ଆଲର୍ଜିକ୍ ହୋଇଥାନ୍ତି, ଖାସ୍ ସେମାନଙ୍କ ପାଇଁ ଏହି ବିଲେଇଟି, ଯାହାର ନାଁ ୟୁମେ ନେକୋ ସ୍ମାଇଲ୍। ଜାପାନରେ ତିଆରି ଏହି ବିଲେଇକୁ ଜାବୁଡ଼ିକି ଧର କି ଗେଲ କର ଆଲର୍ଜି ଥିବା ବ୍ୟକ୍ତିଙ୍କର ବି କିଛି ହେବ ନାହିଁ। କାହିଁକି ନା ଏହା ସତସତିକା ବିଲେଇ ନୁହେଁ ବରଂ ଏକ ରୋବୋ ବିଲେଇ। ଏହି ରୋବୋ ବିଲେଇଟିର ଉଚ୍ଚତା ୧୩ ଇଞ୍ଚ ଓ ଓଜନ ପ୍ରାୟ ୨ କେଜି। ସବୁଠୁ ଖାସ୍ କଥା ହେଲା ଏହି ରୋବୋ ବିଲେଇ ଶରୀରର ଭିନ୍ନ ଭିନ୍ନ ସ୍ଥାନରେ ପାଞ୍ଚୋଟି ସେନ୍ସର ଲାଗିଛି। ତେଣୁ ଏହି ବିଲେଇ ଶରୀରର ଯେଉଁ ସ୍ଥାନକୁ ବି ଛୁଇଁବେ ସେ ପ୍ରତିକ୍ରିୟା ପ୍ରକାଶ କରିବ। ଏହି ୟୁମେ ନେକୋ ବିଲେଇଟି ମୂଷା ପଛରେ ଧାଇଁ ନ ପାରେ, ହେଲେ ସତସତିକା ବିଲେଇ ପରି ଆଖି ମିଟିମିଟି କରିବ, ପାଟି ପାକୁପାକୁ କରିବ, ବେକ ବୁଲେଇ ପାରିବ, ତଳେ ଗଡିପାରିବ, ମିଆଉଁ ମିଆଉଁ କରିବ, ଘୁଡୁଘୁଡୁ ଶବ୍ଦ କରିବ ଓ ଲାଞ୍ଜ ବି ହଲେଇବ। ଏମିତିକି ସତସତିକା ବିଲେଇ ପରି ଶୁଏ ଓ ଘୁଙ୍ଗୁଡି ବି ମାରେ। ତେଣୁ ବିଲେଇ ପ୍ରତି ଆଲର୍ଜି ଥିବା କ୍ୟାଟ୍ ଲଭର୍ଙ୍କ ପାଇଁ ଏହା ଏକ ଭଲ ଉପହାର ହୋଇପାରିବ।

# ମୁଭିଂ ହୋଟେଲ

ଇଏ ଏମିତି ଏକ ହୋଟେଲ, ଯାହାକୁ ଯଦି ଆଜି ଏଇଠି ଦେଖୁଛନ୍ତି କାଲି ତାହା ଅନ୍ୟ କେଉଁଠି ଥିବ। ଭାବୁଥିବେ ହୋଟେଲ ବା କେମିତି ସ୍ଥାନ ବଦଳେଇପାରେ। ହେଲେ ଏହା ସମ୍ଭବ ହେଉଛି ପ୍ୟାରିସ୍‌ରେ ଥିବା 'ଏଭର୍‌ଲାଣ୍ଡ' ନାମକ ହୋଟେଲ କ୍ଷେତ୍ରରେ। ଉକ୍ତ ହୋଟେଲରେ ଅଛି ଗୋଟିଏ ରୁମ୍। ତା'ସହ ଏକ ଆଟାଚ୍‌ଡ ବାଥ୍‌ରୁମ୍, କିଙ୍ଗ୍ ସାଇଜ୍‌ଡ ବେଡ୍ ଓ ଏକ ଲାଉଞ୍ଜ ବି ଅଛି। ଯେଉଁକଥା ଏହି ହୋଟେଲକୁ ଅନ୍ୟ ହୋଟେଲଠୁ ଭିନ୍ନ କରେ ତାହା ହେଉଛି ଉକ୍ତ ହୋଟେଲ ଟ୍ରାଭେଲ କରେ। ଆଉ ଏହା ବିଭିନ୍ନ ଅଜବ ସ୍ଥାନରେ ପାର୍କ ହୁଏ। ଯେମିତି କି ଜର୍ମାନୀର ଲେଇପଜିଗ୍‌ରେ ଥିବା ମ୍ୟୁଜିୟମ ଅଫ୍ କଣ୍ଟେମ୍ପୋରାରି ଆର୍ଟର ରୁଫ୍ ଡେକ୍ ଅବା ପ୍ୟାରିସ୍ସ ପାଲାଇସ୍ ଡି ଟୋକିଓର ଛାତ



ଯେଉଁଠୁ କି ଆଇଫିଲ ଟାୱାରର ମନୋରମ ଦୃଶ୍ୟ ଦେଖିବାକୁ ମିଳେ। ଏହି ହୋଟେଲ ଭିତରେ ସମୟ ବିତାଇବାର ଅନୁଭବ ବେଶ୍ ନିଆରା। ଖାସ୍‌କରି ଏଥିରେ ରାତି ବିତାଇବା ଖୁବ୍ ଭଲ ଅନୁଭୂତି ପ୍ରଦାନ କରିଥାଏ। ଏଠାରେ ରହିବାକୁ ହେଲେ ୱିକେଣ୍ଡରେ ୪୪୪ ୟୁରୋ ବା ୪୬,୩୩୦ ଭାରତୀୟ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। କିନ୍ତୁ ଅନ୍ୟ ଦିନରେ ୩୩୩ ୟୁରୋ ବା ୩୪, ୭୫୪ ଭାରତୀୟ ଟଙ୍କା ଖର୍ଚ୍ଚ କରିବେ।

# ସେକ୍ସପିୟରର ଟିସ୍ୟୁ ପେପର୍ ବକ୍ସ

ରୋମିଓ ଆଣ୍ଡ ଜୁଲିଏଟ୍ କାହାଣୀର ମୁଭି ଦେଖି ହେଉ ଅବା ଏହି ପ୍ରସିଦ୍ଧ ନାଟକର ବହି ପଢିବା ପରେ ଯଦି ଆପଣ କାନ୍ଦି ପକାନ୍ତି, ତେବେ ଏହି ଟିସ୍ୟୁ ପେପର୍ ବକ୍ସରୁ ଟିସ୍ୟୁ ପେପର୍ ବାହାର କରି ଲୁହ ପୋଛନ୍ତୁ। କାରଣ ଏହା ହେଉଛି ସେକ୍ସପିୟର ଟିସ୍ୟୁ ପେପର୍ ବକ୍ସ। ଏ ହେଉଛି ଏମିତି ଏକ ଟିସ୍ୟୁ ପେପର୍ ବକ୍ସ, ଯାହାର ଉପରଭାଗରେ ସେକ୍ସପିୟରଙ୍କ ଚେହେରା ରହିଛି। ଆଉ ସବୁଠୁ ମଜାଦାର କଥା ହେଲା ସେକ୍ସପିୟରଙ୍କ ଏହି ଚେହେରାର ନାକରୁ ବାହାରେ ଟିସ୍ୟୁ ପେପର୍। ଅର୍ଥାତ୍ ସେକ୍ସପିୟରଙ୍କ ପ୍ଲେ ଦେଖି ଅବା ପଢି କାନ୍ଦୁଥିବେ ଓ ସେକ୍ସପିୟର ଚେହେରାର ନାକରୁ ଟିସ୍ୟୁ ପେପର୍ ବାହାର କରି ଲୁହ ପୋଛୁଥିବେ। ଯେଉଁ ସେକ୍ସପିୟରଙ୍କ ଲେଖା କନ୍ଦାଇଛି, ତାଙ୍କରିଠାରୁ ଟିସ୍ୟୁ ପେପର୍ ଆଣି ଲୁହ ପୋଛିବେ। କହିବାକୁଗଲେ ଏହା ଇଂଲିଶ ନୋଭେଲ ପଢୁଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଗିଫ୍ଟ ହୋଇପାରିବ।

